

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୫ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 05 June 2026

Vol.No. 36 ■ No.147 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ବିଜୟ ଦାବି କଲା ଇରାନ: ହର୍ମୁଜ ଅବରୋଧ ଜାରି



ନୂଆଦିଲ୍ଲୀ,୪/୬ : ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଆମେରିକା-ଇରାନ ସାମରିକ ସଂଘର୍ଷ ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ମୋଜତବା ଖେମିନିଙ୍କ ଏକ ବଡ଼ ବୟାନ ସାମ୍ନାକୁ ଆସିଛି, ଯାହା ଭୂ-ରାଜନୈତିକ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ମୋଜତବା ଏକ ଲିଖିତ ବାର୍ତ୍ତା ମାଧ୍ୟମରେ ଦାବି କରିଛନ୍ତି ଯେ ଆମେରିକା ଓ ଇସ୍ରାଏଲ୍ ସାମରିକ ସ୍ତରରେ ସମ୍ପୂର୍ଣ୍ଣ ଭାବେ ପରାଜିତ ହୋଇଛନ୍ତି। ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନକୁ ଦୁର୍ବଳ କରିବାରେ ବିଫଳ ହେବା ପରେ ଏବେ ବିଦେଶୀ ଶକ୍ତିମାନେ ଦେଶ ଭିତରେ ଭେଦଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଲୋକଙ୍କୁ ସତର୍କ କରାଇଛନ୍ତି। ଚଳିତ ବର୍ଷ ଫେବୃଆରି ମାସରେ ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣରେ ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ପ୍ରାଣ ହରାଇବା ପରେ ମୋଜତାବା ଇରାନର ନେତୃତ୍ୱ ନେଉଛନ୍ତି। ସୁରକ୍ଷା କାରଣରୁ ସେ ସର୍ବସାଧାରଣ ସାମ୍ନାକୁ ନଆସି କେବଳ ଲିଖିତ ନିର୍ଦ୍ଦେଶନାମା ଜାରି କରୁଛନ୍ତି। ସର୍ବୋଚ୍ଚ ନେତା କହିଛନ୍ତି ଯେ ସାମ୍ନାସାମ୍ନି ଯୁଦ୍ଧରେ ଆମେରିକା ଏବଂ ତାର ଆଞ୍ଚଳିକ ସହଯୋଗୀମାନେ ନିଜର ଲକ୍ଷ୍ୟ ହାସଲ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସାମରିକ ପରାଜୟ ପରେ ଶତ୍ରୁପକ୍ଷ ଏବେ ଇରାନ ବିରୋଧରେ ଏକ 'ହାଇବ୍ରିଡ୍ ୱାର' ଅର୍ଥାତ୍ ସମ୍ମିଳିତ କୂଟନୈତିକ, ସାମାଜିକ ଓ ମାନସିକ ଯୁଦ୍ଧ ଆରମ୍ଭ କରିଛନ୍ତି। ମୋଜତବା ଚେତାବନୀ ଦେଇଛନ୍ତି ଯେ ଶତ୍ରୁମାନେ ଏବେ ଇରାନର ସାଧାରଣ ନାଗରିକଙ୍କ ମଧ୍ୟରେ ଭୟ, ନିରାଶା, ଅବିଶ୍ୱାସ ଏବଂ ସନ୍ଦେହର ବାତାବରଣ ସୃଷ୍ଟି କରି ଦେଶକୁ ଭିତରୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ କୁଏତ ଆନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ-୧ ଉପରେ ହୋଇଥିବା ଇରାନର ରକେଟ୍ ଓ ଡ୍ରୋନ ମାଡ଼କୁ ନେଇ କୂଟନୈତିକ ବିବାଦ ଚରମ ସୀମାରେ ପହଞ୍ଚିଛି। ଏହି ଆକ୍ରମଣରେ ବିମାନବନ୍ଦରର ବ୍ୟାପକ କ୍ଷତି ଘଟିଥିବା ବେଳେ ଜଣେ ଭାରତୀୟ ନାଗରିକଙ୍କ ସମେତ ଅନେକ ଲୋକ ଆହତ ହୋଇଛନ୍ତି। କୁଏତ ସରକାର ଏହି ଆକ୍ରମଣକୁ ଇରାନର ବର୍ବରତା ବୋଲି କହିବା ସହ ତେହେରାନର ଦୁଇଜଣ ବରିଷ୍ଠ କୂଟନୀତିଜ୍ଞଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ ହର୍ମୁଜ ପ୍ରଣାଳୀରେ ନିଜର ସାମରିକ ଉପସ୍ଥିତିକୁ ଅଧିକ ମଜବୁତ କରିବା ସହ ଇରାନର କେଶମ ଦ୍ୱୀପରେ ଥିବା ସାମରିକ ଘାଟିକୁ ଟାର୍ଗେଟ୍ କରୁଛି।

◆◆ପୃଷ୍ଠା ୭

## ବ୍ରିକ୍ସ ସମ୍ମିଳନୀର ଦ୍ୱିତୀୟ ଦିନ: ୧୧ ଦେଶର ପ୍ରତିନିଧିଙ୍କ ଆଗରେ ସଫଳତା ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୪/୬ (ନି.ପ୍ର): ପୁରୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀର ଦ୍ୱିତୀୟ ଦିନରେ, ଓଡ଼ିଶା ରଖିଛି ନିଜ ସଫଳତା କାହାଣୀ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଓ ରଣନୀତିକୁ ୧୧ଟି ଦେଶର ପ୍ରତିନିଧିଙ୍କ ସହ ବାଣ୍ଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପ୍ ବୈଠକର ଟେକ୍ନିକାଲ୍ ସେସନ୍ ଉଦଘାଟନ କରି, ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ବିଶ୍ୱସ୍ତରୀୟ ଫ୍ରେମୱାର୍କ କରିବାରେ ପୁରୀ ଅଧିବେଶନ ସହାୟକ ହେବ ବୋଲି କହିଛନ୍ତି। ୧୯୯୯ ମହାବାତ୍ୟା ପରଠୁ ଓଡ଼ିଶା ଲେଖିଥିଲା ବିପର୍ଯ୍ୟୟ ପରିଚାଳନାର ନୂଆ ଅଧ୍ୟାୟ। ପ୍ରତିବର୍ଷ ବାତ୍ୟାର ପ୍ରକୋପ ସହୁଥିଲେ ବି, ପାଦେ ପାଦେ ଆଗକୁ ବଢ଼ି କିପରି ଆମ ରାଜ୍ୟ ଏକ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମଡେଲ୍ ପ୍ରସ୍ତୁତ କରିପାରିଛି, ଏହାକୁ ବ୍ରିକ୍ସ ରାଷ୍ଟ୍ରସମୂହ ପ୍ରତିନିଧିଙ୍କ ଆଗରେ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପୁରୀରେ ବ୍ରିକ୍ସ ରାଷ୍ଟ୍ର ସମୂହ 'ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପ' ବୈଠକର ଟେକ୍ନିକାଲ ସେସନ୍ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି- ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ 'ଶୂନ୍ୟ ମୃତ୍ୟୁ' ନୀତି ଉପରେ ଆଧାରିତ। ପୂର୍ବ ପ୍ରସ୍ତୁତି, ଆଗୁଆ ସୂଚନା, ଭିତ୍ତିଭୂମି ଓ ଗୋଷ୍ଠୀ ସହଭାଗିତା ଉପରେ ଦିଆଯାଉଛି ଗୁରୁତ୍ୱ। ବିପର୍ଯ୍ୟୟ ଆଶଙ୍କା ହ୍ରାସ ହେଉଛି ସ୍ଥାୟୀ ବିକାଶ, ଅର୍ଥନୈତିକ ସ୍ଥିରତା ଓ ସୁରକ୍ଷାର ମୂଳଦୁଆ। ଜଳବାୟୁ ପରିବର୍ତ୍ତନ ଜନିତ ଆଗାମୀ ଦିନର ଆହ୍ୱାନଗୁଡ଼ିକ ପାଇଁ ସୁଦୃଢ଼ ସହଭାଗିତା ଓ ଉନ୍ନତ ବୈଷୟିକ କ୍ଷମତାର ଆବଶ୍ୟକତା ରହିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଧିକ ଅନ୍ତର୍ଜାତୀୟ ଓ ଆନ୍ତଃରାଜ୍ୟସ୍ତରୀୟ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି। ଏଥିସହ ରାମେଶ୍ୱରରୁ ପାରାଦୀପ ଗ୍ରୀନଫିଲ୍ଡ ଉପକୂଳ ରାଜମାର୍ଗ ଓଡ଼ିଶାର ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା କ୍ଷମତାକୁ ଯଥେଷ୍ଟ ଶକ୍ତିଶାଳୀ କରିବ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଜି ଦ୍ୱିତୀୟ ଦିନ ବୈଠକର ବିଷୟବସ୍ତୁ ଥିଲା- ବିପର୍ଯ୍ୟୟ ପରିଚାଳନାରେ

## ପୂର୍ବତନ ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକ: ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି



ଭୁବନେଶ୍ୱର, ୦୪/୬ (ନି.ପ୍ର): ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି। ବିଶିଷ୍ଟ ଲେଖକ, କବି, ଚିତ୍ରକର ତଥା ପୂର୍ବତନ ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକ ଶୋକର ଛାୟା ଖେଳାଇଦେଇଛି ସାହିତ୍ୟ, ସଂସ୍କୃତି ଓ ବୁଦ୍ଧିଜୀବୀ ମହଲରେ। ବିଭିନ୍ନ କ୍ଷେତ୍ରରେ ନିଜର ସୃଜନଶୀଳ ପ୍ରତିଭାର ଛାପ ଛାଡ଼ି ଯାଇଥିବା ଜେପିଙ୍କ ଶେଷ ଇଚ୍ଛା ଅନୁସାରେ, ନିରାଡ଼ମ୍ବର ସହକାରେ ତାଙ୍କ ମରଶରୀରକୁ ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି ପରିବାର। ମୁଁ ମରିଗଲେ କରିବନି ଶୋକସଭା, ହେବନି ଅନ୍ତିମ ସଂସ୍କାର ,ହେବନି ଧାର୍ମିକ ରୀତିରେ କ୍ରିୟାକର୍ମ। ହସ୍ପିଟାଲରେ ନୁହେଁ, ମୁଁ ଘରେ ମରିବାକୁ ଚାହେ... ନିଶବ୍ଦରେ ଚାଲିଯିବାକୁ ଚାହେ... ହଁ, ମୃତ୍ୟୁ ପୂର୍ବରୁ ନିଜ ଇଚ୍ଛାପତ୍ରରେ କିଛି ଏମିତି ଲେଖିଥିଲେ ଓଡ଼ିଆ ସାହିତ୍ୟର ଅନନ୍ୟ ସାଧକ ଜଗନ୍ନାଥ ପ୍ରସାଦ ଦାସ। ଆଉ ସେଇ ଶେଷ ଇଚ୍ଛା ଅନୁସାରେ, ତାଙ୍କ ଘରେ, ତାଙ୍କ ଶେଯ ଉପରେ ଥିଲା ଜେପିଙ୍କ ନିର୍ବାକ୍, ନିସ୍ତେଜ, ନିଶ୍ଚଳ ପାର୍ଥିବ ଶରୀର। ୯୦ ବର୍ଷ ବୟସରେ ଚିରଦିନ ଲାଗି ଆଖି ବୁଜିଛନ୍ତି ବିଶିଷ୍ଟ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସ। ପଛରେ ଛାଡ଼ିଯାଇଛନ୍ତି ଅନେକ ସ୍ୱରଚିତ ଓ ଅନୁବାଦିତ କଥାସାହିତ୍ୟ, କବିତା, ଗଳ୍ପ, ନାଟକ ଓ ଚିତ୍ରକଳା ଗବେଷଣା ସମ୍ବଳିତ ପୁସ୍ତକ। ପୁରୀର ମାଟିରୁ କିଶୋର ବୟସରେ ଆରମ୍ଭ ହୋଇଥିବା

◆◆ପୃଷ୍ଠା ୭

## ଦିଲ୍ଲୀରେ ଭାଇଙ୍କ ସହ ନବୀନଙ୍କ ଗୁପ୍ତ ମନ୍ତ୍ରଣା: ବିଜେଡିର ଭବିଷ୍ୟତକୁ ନେଇ ଚାଲିଛି ମାନସମନ୍ଥନ



ନୂଆଦିଲ୍ଲୀ,୪/୬ : କ୍ଷମତା ଯିବା ପରେ, ଆଞ୍ଚଳିକ ଦଳ ଦୁର୍ବଳ ହେଉଛି। ଟିଏମ୍‌ସି ଏବେ ଯେଉଁ ଦଶା ଭୋଗୁଛି, ସେହି ଦଶା ଭୋଗୁଛି ବିଜେଡି। ଦଳୀୟ ନେତାଙ୍କ ଉପରେ ସୁପ୍ରିମୋଙ୍କର ଆଉ ପୂର୍ବଭଳି ଲଗାମ ରହୁନି। ନାଲିଆଖି ଦେଖାଇ ନେତା ଦଳ ଛାଡୁଛନ୍ତି। ଦୀର୍ଘ ବର୍ଷର ରାଜନୀତି କ୍ୟାରିୟର ଭିତରେ ବୋଧହୁଏ ନବୀନଙ୍କ ପାଇଁ ଏବେ ସବୁଠୁ କଠିନ ସମୟ। ତେଣୁ ଦଳକୁ କିଭଳି ଆଗକୁ ନିଆଯିବ ସେନେଇ ଦିଲ୍ଲୀରେ ସିକ୍ରେଟ ପ୍ଲାନ କରୁଛନ୍ତି ନବୀନ। ପର୍ଯ୍ୟାୟକ୍ରମେ ବିଜେଡି ନେତା ଦଳ ଛାଡୁଛନ୍ତି। ତୃଣମୂଳସ୍ତରରୁ ଶୀର୍ଷସ୍ତର ପର୍ଯ୍ୟନ୍ତ ସଙ୍ଗଠନ ଦୋହଲିଗଲାଣି। ଏପରିକି ଓଡ଼ିଶାରେ ବିଜେଡିର ଚିହ୍ନବର୍ଣ୍ଣ ରହିବନି ବୋଲି ବିଜେପି ଶିବିରରୁ ଆସୁଛି ଚେତାବନୀ। ଏସବୁ ଭିତରେ ଦଳ କେମିତି ଆଗକୁ ବଢ଼ିବ ସେନେଇ ଧର୍ମସଙ୍କଟରେ ପଡ଼ିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। କିଏ କହୁଛି ସମୟ ଆସିଛି, ବିଜେଡି ପାଇଁ ନବୀନ ଉତ୍ତରାଧିକାରୀ ଖୋଜନ୍ତୁ? ଯଦି ଉତ୍ତରାଧିକାରୀ ଆସିବେ, ତେବେ ଦଳ ଭିତରୁ ନା ଦଳ ବାହାରୁ?

◆◆ପୃଷ୍ଠା ୭

## କେରଳ ଛୁଇଁଲା ମୌସୁମୀ ବାୟୁ

ନୂଆଦିଲ୍ଲୀ,୪/୬ : ଗୁରୁବାର କେରଳମ୍ ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଛି ଏହି ସୂଚନା। ଚଳିତ ବର୍ଷ ବିଳମ୍ବରେ ପହଞ୍ଚିଛି ମୌସୁମୀ ବାୟୁ। ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ ବାୟୁ କେରଳମ୍ ପହଞ୍ଚିଥାଏ। ଚଳିତ ବର୍ଷ ମେ' ୨୬ ତାରିଖରେ ମୌସୁମୀ ବାୟୁ କେରଳମ୍ ଛୁଇଁବ ବୋଲି ଆଇଏମ୍‌ଡି ପକ୍ଷରୁ ପ୍ରଥମେ ଆକଳନ କରାଯାଇଥିଲା। କିନ୍ତୁ ପରେ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ଏଥର ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୪ ତାରିଖରେ କେରଳମ୍ ଛୁଇଁବ। ଆଉ ଆଇଏମ୍‌ଡିର ସେହି ଆକଳନ ଅନୁସାରେ ମୌସୁମୀ ବାୟୁ ଜୁନ୍ ୪ (ଆଜି) କେରଳମ୍ ଛୁଇଁଛି। ମୌସୁମୀ ବାୟୁ ପ୍ରଭାବରେ କେରଳମ୍‌ର ଅନେକ ସ୍ଥାନରେ ଜୋରରେ ବର୍ଷା ହେଉଛି। ଭାରତୀୟ ପାଣିପାଗ ବିଭାଗ ସ୍ଥିତି ଉପରେ ନଜର ରଖିଛି। ପ୍ରବଳ ବର୍ଷା ନେଇ କେରଳମ୍‌ର ଅଲପ୍ପୁଝା, କୋଟ୍ଟାୟମ ଓ ଏର୍ଣ୍ଣାକୁଲମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଇଏମ୍‌ଡି। ଏହି ସବୁ ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ଘଣ୍ଟା ପ୍ରତି ୪୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି।

## ଦେବାଶିଷ ସାମନ୍ତରାୟ ବିଜେପିର ରାଜ୍ୟସଭା ପ୍ରାର୍ଥୀ



ଭୁବନେଶ୍ୱର, ୦୪/୬ (ନି.ପ୍ର): ଦେବାଶିଷ ସାମନ୍ତରାୟଙ୍କୁ ବିଜେପି ଆଜି ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରିଛି। ଓଡ଼ିଶା ପାଇଁ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ସକାଶେ ଦେବାଶିଷଙ୍କୁ ପ୍ରାର୍ଥୀ କରିଛି ବିଜେପି। ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ବିଧିବଦ୍ଧ ଭାବେ ତାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଦେବାଶିଷ ବିଜେଡି ଛାଡ଼ିବା ସହିତ ରାଜ୍ୟସଭା ପଦରୁ ଇସ୍ତଫା ଦେବା ପରେ ଏହି ଆସନ ଖାଲିପଡ଼ିଛି। ୨୦୨୪ ଏପ୍ରିଲରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ। ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା। ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ।

◆◆ପୃଷ୍ଠା ୭

## କଂଗ୍ରେସ ପାଇଁ ଇଣ୍ଡିଆ ବ୍ଲକ ବୈଠକରେ ସାମିଲ ହେବନି ଡିଏମକେ: ଏମକେ ଷ୍ଟାଲିନ



ନୂଆଦିଲ୍ଲୀ,୪/୬ : ବିରୋଧୀଙ୍କ ଇଣ୍ଡିଆ ବ୍ଲକରୁ ଏମକେ ଷ୍ଟାଲିନଙ୍କ ଡିଏମକେ ଦୂରତା ବଜାୟୀ ରଖିବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ୮ ତାରିଖରେ ଇଣ୍ଡିଆ ବ୍ଲକ ପକ୍ଷରୁ ଦିଲ୍ଲୀରେ ବୈଠକ ବସିବ। କିନ୍ତୁ ଏହି ବୈଠକରେ ଡିଏମକେ ସାମିଲ ହେବ ନାହିଁ ବୋଲି ଘୋଷଣା କରିଛି। କଂଗ୍ରେସ ପାଇଁ ଡିଏମକେ ଏପରି ନିଷ୍ପତ୍ତି ନେଇଛି। ତାମିଲନାଡୁ ବିଧାନସଭା ନିର୍ବାଚନରେ କଂଗ୍ରେସ ଓ ଡିଏମକେ ଏକାଠି ଲଢ଼ିଥିଲେ। କିନ୍ତୁ ନିର୍ବାଚନ ପରେ ରାଜ୍ୟର ଏକକ ସର୍ବବୃହତ ରାଜନୀତିକ ଦଳ ବିଜୟଙ୍କ ଟିଭିକେ ସହ କଂଗ୍ରେସ ହାତ ମିଳାଇ ସରକାରରେ ସାମିଲ ହୋଇଛି। ଏହି ଘଟଣା ପରେ କଂଗ୍ରେସ ଓ ଡିଏମକେ ମଧ୍ୟରେ ଥିବା ୨୨ ବର୍ଷର ସମ୍ପର୍କରେ ଫାଟ ଦେଖାଯାଇଛି। ଏବେ ଏହାର ପ୍ରଭାବ ଇଣ୍ଡିଆ ବ୍ଲକ ବୈଠକ ଉପରେ ମଧ୍ୟ ପଡ଼ିଛି। ଡିଏମକେ ପକ୍ଷରୁ କୁହାଯାଇଛି ଯେ "ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ଧୋକା ଦେଇଥିବା ଏବେ ବି ଡିଏମକେ କ୍ୟାଡରମାନେ ଅନୁଭବ କରୁଛନ୍ତି। ସେମାନେ କଂଗ୍ରେସର ଆଭିମୁଖ୍ୟରେ ଆଘାତ ପାଇଛନ୍ତି। ସେମାନଙ୍କ ଭାବନାକୁ ସମ୍ମାନ ଜଣାଇ ଡିଏମକେ ଜୁନ ୮ରେ ଦିଲ୍ଲୀରେ ହେବାକୁ ଥିବା ଇଣ୍ଡିଆ ବ୍ଲକ ବୈଠକରେ ସାମିଲ ନ ହେବାକୁ ନିଷ୍ପତ୍ତି ନେଇଛି। ବିଶେଷ କରି କଂଗ୍ରେସ ସାମିଲ ହେବାକୁ ଥିବା ବୈଠକରେ ଦଳ କୌଣସି ପ୍ରକାରର ଯୋଗ ଦେବନାହିଁ। ଯଦିଓ ଡିଏମକେ ଏହି ବୈଠକରେ ସାମିଲ ହେବ ନାହିଁ, କିନ୍ତୁ ଦଳ ସବୁବେଳେ ଦେଶର କଲ୍ୟାଣ ପାଇଁ ଅନ୍ୟ ଦଳଗୁଡ଼ିକ ଉଠାଉଥିବା ପ୍ରସଙ୍ଗ ସପକ୍ଷରେ ସ୍ୱର ଉତ୍ତୋଳନ କରିବ।" କଂଗ୍ରେସ ଓ ଡିଏମକେ ମଧ୍ୟରେ ସୃଷ୍ଟି ହୋଇଥିବା ଫାଟ ସଂସଦରେ ମଧ୍ୟ ଦେଖିବାକୁ ମିଳିଛି। ଡିଏମକେ ସାଂସଦ କାନିମୋଝି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଚିଠି ଦଳୀୟ ସାଂସଦଙ୍କ ବସିବା ପାଇଁ ଅନ୍ୟତ୍ର ବ୍ୟବସ୍ଥା କରିବାକୁ କହିଛନ୍ତି।

◆◆ପୃଷ୍ଠା ୭

## କମିବ ଜୟଦେବ ବିହାର-ପଟିଆ ଟ୍ରାଫିକ ସମସ୍ୟା

ଭୁବନେଶ୍ୱର, ୦୪/୬ (ନି.ପ୍ର): ଆସନ୍ତା ଜୁନ ୧୨ ତାରିଖରେ ଭୁବନେଶ୍ୱରର ଡିକଞ୍ଜେକସନ୍ ପ୍ରକଳ୍ପର ଲୋକାର୍ପଣ ହେବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ପ୍ରକଳ୍ପର ଲୋକାର୍ପଣ କରିବେ। ଏହା ଦ୍ୱାରା ଜୟଦେବ ବିହାର-ପଟିଆ ମଧ୍ୟରେ ଟ୍ରାଫିକ ସମସ୍ୟା କମିବ। ପଥରଗାଡ଼ିଆରେ ଚୂନକୋଳି ବସ୍ତିର ସମସ୍ୟା ବି ସମାଧାନ ହେବ। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି।

## ବଢୁଛି ମମତା ବାନାର୍ଜୀଙ୍କ ଅଡୁଆ: ଦିଦିଙ୍କ ନାଁରେ ଏତଲା



ନୂଆଦିଲ୍ଲୀ,୪/୬ : ମମତାଙ୍କ ନାଁରେ ଏତଲା। ଅମିତ ଶାହଙ୍କ ଉପରେ ଲଗାଇଥିଲେ ଅଭିଯୋଗ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମସ୍ୟା ପୁଣି ଥରେ ବଢ଼ି ଯାଇଛି। କୋଲକାତାରେ ବିରୋଧ ପ୍ରଦର୍ଶନ ସମୟରେ ବାଂଲାଦେଶର ହାଇପ୍ରୋଫାଇଲ ହତ୍ୟାକାଣ୍ଡରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନାଁ ଟାଣିବାକୁ ନେଇ ତାଙ୍କ ବିରୋଧରେ ଏତଲା ରୁଜୁ ହୋଇଛି। ସିଲିଗୁଡ଼ି ସାଇବର କ୍ରାଇମ୍ ପୁଲିସ ଷ୍ଟେସନରେ ଜଣେ ଓକିଲଙ୍କ ଦ୍ୱାରା ରୁଜୁ କରାଯାଇଛି। ୨୦୨୬ ଜୁନ୍ ୨ ତାରିଖରେ କୋଲକାତାର ଧର୍ମତାଲାରେ ଟିଏମ୍‌ସି ଧାରଣା ଦେଇଥିବାବେଳେ ଏହି ବିବାଦ ଆରମ୍ଭ ହୋଇଥିଲା। ନିଜ ଭାଷଣରେ ମମତା ବାନାର୍ଜୀ ଦାବି କରିଥିଲେ ଯେ, ବାଂଲାଦେଶରେ ଏକ ହାଇପ୍ରୋଫାଇଲ ହତ୍ୟା ପଛରେ ହୋଇଥିବା ପୂରା ଷଡ଼ଯନ୍ତ୍ର ଓ ଲୋକଙ୍କ ନାଁ ତାଙ୍କୁ ଜଣା। କିନ୍ତୁ ସେ ତାଙ୍କ ନାଁ କହିବେ ନାହିଁ, କାରଣ ଏହାଦ୍ୱାରା ପଡ଼ୋଶୀ ଦେଶରେ ଭୂକମ୍ପ ଆସିଯିବ। ତାଙ୍କର ସଙ୍କେତ ସ୍ପଷ୍ଟ ଭାବେ ବାଂଲାଦେଶୀ ଛାତ୍ର ନେତା ଶରିଫ ଉସ୍‌ମାନ ବିନ୍ ହାଦିଙ୍କ ହତ୍ୟା ସମ୍ପର୍କରେ ରହିଥିଲା। ମମତା ବାନାର୍ଜୀ ଗମ୍ଭୀର ଅଭିଯୋଗ ଆଣି କହିଥିଲେ ଯେ, ମାର୍ଚ୍ଚ ୨୦୨୬ରେ ପଶ୍ଚିମବଙ୍ଗ ପୁଲିସ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏହି ହତ୍ୟାକାଣ୍ଡର ସନ୍ଦିଗ୍ଧଙ୍କୁ ରାଜ୍ୟରେ ଗିରଫ କରିଥିଲେ, ସେତେବେଳେ କେନ୍ଦ୍ର ଗୃହମନ୍ତ୍ରୀ ତାଙ୍କୁ ବ୍ୟକ୍ତିଗତ ଭାବେ ଫୋନ୍ କରିଥିଲେ। ମମତା ଦାବି କରିଛନ୍ତି ଯେ, ଗୃହମନ୍ତ୍ରୀ ରାଷ୍ଟ୍ରୀୟ ହିତର ଦୁହାଇ ଦେଇ ତାଙ୍କୁ ଗିରଫଦାରୀର ଖବର ଚାପିଦେବାକୁ କହିଥିଲେ। ମମତା ବାନାର୍ଜୀଙ୍କ ଏହି ଚାଞ୍ଚଲ୍ୟକର ଦାବି ପରେ ସିଲିଗୁଡ଼ିର ଓକିଲ ରିଙ୍କି ଚାଟାର୍ଜୀ ସେନ୍ ଟିଏମ୍‌ସି ମୁଖ୍ୟଙ୍କ ବିରୋଧରେ ସିଲିଗୁଡ଼ି ସାଇବର କ୍ରାଇମ ପୁଲିସ ଷ୍ଟେସନରେ ଅପରାଧିକ ମାମଲା ରୁଜୁ କରିଛନ୍ତି।

# ଖୋର୍ଦ୍ଧା ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ



ଖୋର୍ଦ୍ଧା , ୪/୦୬ (ନି.ପ୍ର): ଜିଲ୍ଲା ପରିଷଦ ସଭା ଗୃହରେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂଙ୍କ ଅଧକ୍ଷତାରେ ଖୋର୍ଦ୍ଧା ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଓ ଫୁଲ ଚାରା କୁଣ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକର ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ ଙ୍କ ଅଭିଭାଷଣ ପରେ ପୂର୍ବ ବୈଠକର ବିବରଣୀକୁ ଆଲୋଚନା କ୍ରମେ ଦୃଢ଼ୀକରଣ କରାଯାଇଥିଲା । ବୈଠକରେ ମାନ୍ୟବର ବିଧାୟକ ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ କହିଲେ ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡିଶା ଓ ବିକଶିତ ଭାରତର ପ୍ରମୁଖ ଅଙ୍ଗ ଭାବେ ପରିଚିତ କରାଇବା ନିମନ୍ତେ ସମସ୍ତ ଜନ ପ୍ରତିନିଧି ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଶ୍ରୀଯୁକ୍ତ ଜଗଦେବ କହିଥିଲେ ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିବାରେ ଆଗକୁ ବଢି ଚାଲିଛି ଯାହା ଆମ ପାଇଁ ଗୌରବ । ସମସ୍ତ ଅଧିକାରୀ ବିଭିନ ପ୍ରକଳ୍ପ ପ୍ରସ୍ତାବ ସୁପାରିଶ ସମୟରେ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ବିଧିବଦ୍ଧ ସରକାରଙ୍କ ନିୟମ ଅନୁସାରେ ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରନ୍ତୁ । ବୈଠକ ରେ ମାନ୍ୟବର ବିଧାୟକ ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ଯୋଗ ଦେଇ କହିଲେ ସରକାରୀ ଅଧିକାରୀ ଓ ଜନପ୍ରତିନିଧି ପରସ୍ପର ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଖୋର୍ଦ୍ଧା ଜିଲ୍ଲାର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ସାହୁ ନିଜ ଅଞ୍ଚଳର ବିଦ୍ୟୁତ ସରବରାହରେ ଲୋ ଭୋଲଟ୍ଜେ, ବିଦ୍ୟୁତ କାଟ ଏବଂ ନଳକୂପ ଖନନ ଦିଗରେ ଗୁରୁତ୍ୱାରୋପ କରିଥିଲେ । ମାନ୍ୟବର ବିଧାୟକ ଜୟଦେବ ଶ୍ରୀଯୁକ୍ତ ନବକିଶୋର ମଲ୍ଲିକ ଯୋଗ ଦେଇ କହିଲେ ଯେ ପ୍ରଶାସନ ଓ ପ୍ରତିନିଧି ନିଜ ଅଂଚଳର ବିକାଶ ଏବଂ ଜିଲ୍ଲାର ବିକାଶ ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ କହିଲେ ଯେ ପଂଚାୟତ ସମିତି ଅଧକ୍ଷ ଅଧକ୍ଷା ଏବଂ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ନିଜ ନିଜ ଅଂଚଳରେ ଥିବା ସମସ୍ୟା ଉପରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ପରାମର୍ଶ ଗୁଡିକୁ ସଂପୃକ୍ତ ବିଡ଼ିଓ ଓ ସମ୍ପୃକ୍ତ ଅଧିକାରୀ ପ୍ରସ୍ତାବ ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରି ଅନୁମୋଦନ ନିମନ୍ତେ ଜିଲ୍ଲା ପରିଷଦକୁ ପଠାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବୋଲଗଡ ବ୍ଲକ ର ୨୭ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ନିଜ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବୈଠକରେ ପ୍ରସ୍ତାବ ଆଗତ କରିଥିଲେ । ସେହିପରି ଚିଲିକା ବ୍ଲକ ର ଚାରି ନମ୍ବର ଜୋନ ର ଜିଲ୍ଲା ପରିଷଦ ସଦସ୍ୟା, ନାଚୁଣୀରେ ନଳକୂପ ଖନନ, ଖୋର୍ଦ୍ଧା ବ୍ଲକ ର ୭ ନମ୍ବର ଜିଲାପରିଷଦ ଜୋନ୍ ର ଜିଲ୍ଲା ପରିଷଦ ସଦସ୍ୟା ଛତାବର ବଜାର, ଓ ଗଙ୍ଗ ପଡା ସ୍କୁଲ ଆଦିରେ ନଳକୂପ ଖନନ ପାଇଁ ପ୍ରସ୍ତାବ ମାନ ଆଗତ କରିଥିଲେ । ଏହି କ୍ରମେ ମାନ୍ୟବର ବିଧାୟକ ଖୋର୍ଦ୍ଧା ତଥା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ଜଗଦେବ କହିଲେ ଅଗ୍ରାଧିକାର ଭିତ୍ତିରେ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ୪ ଗୋଟି ନଳ କୂପର ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ । ମାନ୍ୟବର ଜୟଦେବ ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ ଭଲ ପାଣି ପଡୁଥିବା ଲେୟାର ପର୍ଯ୍ୟନ୍ତ ନଳକୂପ ଖୋଳି ବସାଇବା, ବାଲିଅନ୍ତା ବ୍ଲକ ୧୬ ନମ୍ବର ଜିଲ୍ଲା ପରିଷଦ ଜୋନ ଅଂଚଳରେ ନଳକୂପ ରେ ଆସୁଥିବା ଲୌହ ମିଶ୍ରିତ ଜଳ ସମାଧାନ କରିବା ଦିଗରେ ବୈଠକରେ ଜିଲ୍ଲାପାଳ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳକୁ ନିର୍ଦ୍ଦେଶ ଦେଇଥିଲେ । ପଂଚାୟତ ମାନଙ୍କରେ କେତେକ ସୋଲାର ଲାଇଟ ନ ଜଳିବା ଓ ଏହାର ସମାଧାନ ଉପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶ୍ରୀ ସାହୁ ସ୍ପଷ୍ଟି କରଣ ରଖିଥିଲେ କ୍ଷବେଗୁନିଆ ବ୍ଲକ ୨୪ ନମ୍ବର ଜୋନ୍ ରେ ସଦଶ୍ୟାଙ୍କ ପ୍ରସ୍ତାବ ହାତି ମାନଙ୍କ ଉପଦ୍ରୂ ଓ ଏହାର ସମାଧାନ ଉପରେ ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା ଶ୍ରୀ ଲାଡେ ଗଜାନନ ଦୟାନନ୍ଦ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

# ହୋଟେଲରେ ପରଶାଯାଉଛି ବାସିଖାଦ୍ୟ: ଯାଞ୍ଚ ପାଇଁ ସାଧାରଣରେ ଦାବି

ଜୟପୁର, ୪/୦୬ (ନି.ପ୍ର): କୋରାପୁଟ ଜିଲାରେ ହୋଟେଲ ରେ ବାସୀ ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି । ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲାର ଜୟପୁର, ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା, କୁନ୍ଦୁରା ଅଂଚଳରେ ଛତୁ ଫୁଟିବା ଭଳି ହୋଟେଲ, ରେଷ୍ଟରାଣ୍ଟ ଗଢି ଉଠୁଛି । ସେଠାରେ ଗ୍ରାହକଙ୍କ ଭିଡ଼ ବି ଜମୁଛି । ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରଷା ଯାଉଛି । ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ହୋଟେଲ ଓ ରେଷ୍ଟରାଣ୍ଟ କର୍ତ୍ତୃପକ୍ଷ ଖେଳୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଅଭିଯୋଗ ହେଲେ କାଁ ଭା ଚଢାଉ କରି ନିଜ ଦାୟିତ୍ୱ ତୁଲାଇ ଦେଉଛି ପ୍ରଶାସନ । ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁ କୋଣରୁ କୋରାପୁଟ ଜିଲା ରୁ ପରିଦର୍ଶନ କରିବାକୁ ଆସି ଅଞ୍ଚଳର ବିଭିନ୍ନ ହୋଟେଲ ରେ ଖାଦ୍ୟ ଖାଉଛନ୍ତି । ମାତ୍ର ହୋଟେଲ କର୍ତ୍ତୃପକ୍ଷ ବାହ୍ୟ ଚକାଚକ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ଖାଦ୍ୟ ପ୍ରସ୍ତୁତି ଦିଗରେ ଯତ୍ନବାନ ହେଉନାହାନ୍ତି । ଫଳ ସ୍ୱରୂପ ପ୍ରତିଦିନ ଗ୍ରାହକ ଟଙ୍କା ଦେଇ ବାସି ଓ ଅପମିଶ୍ରିତ ଖାଦ୍ୟ ଖାଉଛନ୍ତି । ଅଂଚଳରେ ଶତାଧିକ ହୋଟେଲ ଅଛି । ଅନେକ ହୋଟେଲ ରେ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ଅତ୍ୟନ୍ତ ନିମ୍ନମାନର । ସବୁଠାରୁ ବଡ଼ କଥା ହେଉଛି ସ୍ଥାନୀୟ ଅଞ୍ଚଳରେ କିଛି ନାଁ କରିଥିବା ହୋଟେଲ ଗୁଡିକରେ ପ୍ରତିଦିନ ବାସି ଖାଦ୍ୟ ଗ୍ରାହକଙ୍କୁ ପରଷୁଛନ୍ତି ।ଯାହାର ପ୍ରମାଣ ସ୍ୱରୂପ ଯଦି ଖାଦ୍ୟ ନିରାପତ୍ତା ବିଭାଗ ଅଚାନକ ସକାଳୁ ଆସି ହୋଟେଲରେ ଥିବା ରେଫ୍ରିଜେଟର କିମ୍ବା ଫ୍ରିଜ ଯାଞ୍ଚ କରିବେ ସତ୍ୟାସତ୍ୟ ସାମ୍ନାକୁ ଆସିବ । ଖାଦ୍ୟ ଗ୍ରାହକ ଙ୍କୁ ପରସୁଛନ୍ତି, ବିଶ୍ୱାସରେ ଗ୍ରାହକ ଏହାକୁ ଖାଉଛନ୍ତି । କେବଳ ବାସି ଖାଦ୍ୟ ନୁହେଁ, ଖାଦ୍ୟ ପ୍ରସ୍ତୁତ ସ୍ଥାନ ଉପରେ ନ କହିବା ଭଲ । ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି । ମାସେ କିମ୍ବା ଦୁଇ ମାସ ନୁହେଁ ବର୍ଷ ବର୍ଷ ଧରି ଏଭଳି କାର୍ଯ୍ୟ ହୋଇ ଆସୁଛି । ଜିଲାର ବିଭିନ୍ନ ଅଞ୍ଚଳରେ କିଛି ଦିନ ପୂର୍ବେ ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ଯାଞ୍ଚ ହୋଇଥିଲା । କିନ୍ତୁ ନିୟମିତ ବ୍ୟବଧାନ ରେ ଯାଞ୍ଚ ହେଉନଥିବାରୁ ଅନେକ ହୋଟେଲରେ ଖୁଲମ ଖୁଲ୍ଲା ବାସି ଖାଦ୍ୟ ବିକ୍ରି କରୁଛନ୍ତି । ସ୍ଥାନୀୟ କିଛି ବ୍ୟକ୍ତି ବିଶେଷ କହିଛନ୍ତି, ବଡ଼ ବଡ଼ ହୋଟେଲ ମାଲିକ ଙ୍କ ସହ ଖାଦ୍ୟ ସୁରକ୍ଷା ବିଭାଗର ମଧୁଚନ୍ଦ୍ରିକା ରହିଛି । ଯେଉଁଥି ପାଇଁ ଅଭିଯୋଗ ସତ୍ୱେ ବିଭାଗ ସେଠାରେ ନିୟମିତ ବ୍ୟବଧାନରେ ଖାଦ୍ୟର ମାନ ଯାଞ୍ଚ ନ କରି ଚୁପ ବସିଛି । ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି ସ୍ୱତନ୍ତ୍ର ଟିମ୍ ଅଚାନକ ବିଭିନ୍ନ ହୋଟେଲ ଯାଞ୍ଚ କଲେ ବାସି ଖାଦ୍ୟର ସତ୍ୟାସତ୍ୟ ସାମ୍ନାକୁ ଆସିପାରେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ତୃତୀୟ ବ୍ୟାଚ୍ ଅବକାଶ କାଳୀନ ପ୍ରଶିକ୍ଷଣ ଆରମ୍ଭ



ରାଉରକେଲା, ୪/୦୬ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି ) ରେ ଜୁନ୍ ପହିଲା ଦିନ ଶିକ୍ଷଣ ଓ ବିକାଶ ବିଭାଗର ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସହିତ ସ୍ନାତକ ଇଞ୍ଜିନିୟରିଂ ଛାତ୍ରମାନଙ୍କ ପାଇଁ ତୃତୀୟ ବ୍ୟାଚ୍ ଅବକାଶ କାଳୀନ ପ୍ରଶିକ୍ଷଣ-୨୦୨୬ ଆରମ୍ଭ ହୋଇଛି। ଉଲ୍ଲେଖନୀୟ ଯେ, ଦେଶ ସାରା ବିଭିନ୍ନ ଇଞ୍ଜିନିୟରିଂ କଲେଜର ୨୮୦ ଜଣ ଛାତ୍ରଛାତ୍ରୀ ଇସ୍ପାତ ତିଆରିର ସୂକ୍ଷ୍ମତା ଶିଖିବା ପାଇଁ ଉକ୍ତ ତାଲିମରେ ଯୋଗ ଦେଇଛନ୍ତି। ସି ଜି ଏମ , ଏଚ ଆର ଏଲ ଆଣ୍ଡ ଡି ଶ୍ରୀ ପ୍ରମୋଦ କୁମାର ସାହୁ, ଉଦଘାଟନୀ ଅଧିବେଶନରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଜି ଏମ ଏଲ ଆଣ୍ଡ ଡି ଶ୍ରୀ ପ୍ରଦୀପ୍ତ କୁମାର ସାହୁ ମଧ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସମନ୍ୱିତ ଇସ୍ପାତ କାରଖାନାର କାର୍ଯ୍ୟକଳାପ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ପରିଚିତ କରାଇବା ଏବଂ ତାଲିମ କାର୍ଯ୍ୟକ୍ରମ ସମୟରେ ଗ୍ରହଣ କରିବାକୁ ଥିବା ଆବଶ୍ୟକୀୟ ସୁରକ୍ଷା ସତର୍କତା ବିଷୟରେ ଅବଗତ କରାଇବା। ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଆର ଏସ ପି ର ଐତିହାସିକ ପୃଷ୍ଠଭୂମି, ପ୍ରକ୍ରିୟା ପ୍ରବାହ, ଉତ୍ପାଦ ଏବଂ ସୁରକ୍ଷା ନିୟମ ଏବଂ ନିର୍ଦ୍ଦେଶାବଳୀ ବିଷୟରେ ଉପସ୍ଥାପନା ଏବଂ ଅଡିଓ-ଭିଜୁଆଲ୍ ମାଧ୍ୟମରେ ଅବଗତ କରାଯାଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କୁ ଏକ ନିବିଡ଼ ଅଭିଜ୍ଞତା ଦେବା ପାଇଁ, ଏକ ଭିଆର ଫିଲ୍ମ ମାଧ୍ୟମରେ ସମନ୍ୱିତ ଇସ୍ପାତ କାରଖାନାର ସମ୍ପୂର୍ଣ୍ଣ ଉତ୍ପାଦନ ଶୃଙ୍ଖଳର ଏକ ଡିଜିଟାଲ୍ ପଦଯାତ୍ରା ସେମାନଙ୍କୁ ପ୍ରଦର୍ଶିତ ହୋଇଥିଲା । ସୂଚନାଯୋଗ୍ୟ ଯେ ଏହା ପରେ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ବିଭାଗ ସହିତ ସଂଯୁକ୍ତ କରାଯିବ, ଯେଉଁଠାରେ ସେମାନେ ଅଧିକ ଜ୍ଞାନ ଆହରଣ କରିବା ସହ ନିର୍ଦ୍ଦିଷ୍ଟ ମାର୍ଗଦର୍ଶକଙ୍କ ଅଧୀନରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିପାରିବେ। ଉକ୍ତ କାର୍ଯ୍ୟକ୍ରମକୁ ଏଚ ଆର ଏଲ ଆଣ୍ଡ ଡି ବିଭାଗର ଏ ଜି ଏମ ଶ୍ରୀ ଦୁର୍ଯ୍ୟୋଧନ ସାହୁ, ସାମଗ୍ରିକ ରୂପେ ପରିଚାଳନା କରିଥିଲେ। ଏଥି ପୂର୍ବରୁ ପ୍ରଥମ ବ୍ୟଚରେ ୨୬୦ ଜଣ ଓ ଦ୍ୱିତୀୟ ବ୍ୟଚରେ ୩୦୩ ଜଣ ଛାତ୍ର ଛାତ୍ରୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ସାରିଛନ୍ତି। ଉଲ୍ଲେଖନୀୟ ଯେ, ପ୍ରତି ଗ୍ରୀଷ୍ମ ଅବକାଶରେ ଇସ୍ପାତ କାରଖାନାର କର୍ମଚାରୀମାନଙ୍କ ସହିତ ଜଡିତ ଇଞ୍ଜିନିୟରିଂର ବିଭିନ୍ନ ଶାଖାର ଶହ ଶହ ଛାତ୍ରଛାତ୍ରୀ କାରଖାନା ଦ୍ୱାରା ପ୍ରଦାନ କରାଯାଉଥିବା ଅବକାଶ କାଳୀନ ତାଲିମରେ ଯୋଗ ଦିଅନ୍ତି ଏବଂ ଇସ୍ପାତ ତିଆରିର ସୂକ୍ଷ୍ମତା ଶିଖନ୍ତି। କେବଳ ଓଡ଼ିଶା ନୁହେଁ ବରଂ ସାରା ଦେଶର ଛାତ୍ରଛାତ୍ରୀମାନେ ସେମାନଙ୍କର ଇଣ୍ଟର୍ନସିପ୍‌ର ଏକ ଅଂଶ ଭାବରେ ଏଥିରେ ଯୋଗ ଦେଇଥାନ୍ତି। ଏକ ବିଶାଳ ସମନ୍ୱିତ ଇସ୍ପାତ କାରଖାନାର ବୈଷୟିକ ଏବଂ କାର୍ଯ୍ୟକାରିତା ଛାତ୍ରଛାତ୍ରୀ ମାନଙ୍କର ମାନସିକ ଦିଗନ୍ତକୁ ବିସ୍ତାର କରିବା ସହିତ ଅନେକ ଉପାୟରେ ସେମାନଙ୍କର ଦୃଷ୍ଟିକୋଣକୁ ମଧ ଆକାର ଦେଇଥାଏ ।

# ସଦର ବିଜେଡିର ବିଶାଳ 'ନାରୀ ଅଧିକାର ଅଭିଯାନ'

## ■ବିଜେପିର ମହିଳା ମାରଣ ନୀତି ବିରୁଦ୍ଧରେ ବଡ଼ ଶୋଭାଯାତ୍ରା
## ■ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଲେ ସହସ୍ରାଧିକ ମହିଳା



ବାଲେଶ୍ୱର, ୪/୦୬ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବୁଧବାର ବିଶାଳ 'ନାରୀ ଅଧିକାର ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବାଲେଶ୍ୱର ସଦରର ସମସ୍ତ ନେତୃବୃନ୍ଦଙ୍କ ପ୍ରତିନିଧିତ୍ୱରେ ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବିଜେପି କରୁଥିବା ପ୍ରହସନ ବିରୁଦ୍ଧରେ ଏହି ଅଭିଯାନ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ଅବସରରେ ହଜାର ହଜାର ମହିଳା ବିଶାଳ ଶୋଭାଯାତ୍ରାରେ ମିଶନ ପଡ଼ିଆରୁ ବାହାରି ଫାଣ୍ଡି ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପିନ୍ଧାଇବା ପରେ ଗାନ୍ଧୀ ସ୍ମୃତି ଭବନ ଠାରେ ପହଞ୍ଚିଥିଲେ । ସମସ୍ତେ ପ୍ଲାକାର୍ଡ଼ ଓ ଦଳୀୟ ପତାକା ଧରିବା ସହ ବିଜେପିର ମିଛ ପ୍ରଚାର ବିରୁଦ୍ଧରେ ନାରାବାଜି କରିଥିଲେ । ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ମୁକ୍ତ ମଞ୍ଚରେ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏହି 'ନାରୀ ଅଧିକାର ଅଭିଯାନ' ସଭାରେ ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ ମଞ୍ଚ ଆହ୍ୱାନ କରିଥିଲେ । ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଛାତ୍ର ବିଜେଡିର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାସ ଓ ଉର୍ମିଳତା ଦାସ, ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲ୍ଲା ପୂର୍ବତନ ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ନୀଳଗିରି ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ସୋନାଲି ବିଶ୍ୱାଳ ଓ ଅଭିମନ୍ୟୁ ଦିନ୍ଦା, ରେମୁଣା ବିଧାୟିକା ପ୍ରାର୍ଥୀନୀ ବିଦ୍ୟାସ୍ମିତା ମହାଳିକ, ବସ୍ତା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସ, କାଉନସିଲର ମୀନା ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ବିଜେପିର ମିଥ୍ୟା ପ୍ରହେଳିକା ବିରୁଦ୍ଧରେ ପ୍ରବଳ ବର୍ଷିଥିଲେ । ଗୋଟିଏ ପଟେ ନାରୀ ସଶକ୍ତିକରଣର ନାରା ଦେଉଥିବା ବେଳେ ଅପରପକ୍ଷେ ନାରୀ ନିର୍ଯ୍ୟାତନା ରୋକିବାରେ ଅପାରଗ ବିଜେପି ସରକାର ଅସଫଳ ହୋଇଥିବା ପ୍ରକାଶ କରିଥିଲେ । ସେହିପରି ବାଲେଶ୍ୱର ପୌର ଉପାଧକ୍ଷ କୈଳାଶ ସେଠୀ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, କାଉନସିଲରଙ୍କ ମଧ୍ୟରେ ମିତା ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ଶଶୀରେଖା ମହାନ୍ତି, ସବିତା ଦାସ, କବିତା ମୁର୍ମୁ, ମୀରାଜ ବାନୋ, ସୋନିଆ ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ । ଟାଉନ ବିଜେଡିର ସଞ୍ଜୟ ବେହେରା, ସୁବୋଧ ମହାନ୍ତି, ସେକ ଅନସର ଅଲ୍ଲୀ, ବିଶ୍ୱଜିତ ମହାପାତ୍ର, ସାକିର ଖାଁ, ସେକ ଆୟୁବ, କାର୍ତ୍ତିକ ସାହୁ, ରମେଶ ମାଝୀ, ନଳିନୀ ରଞ୍ଜନ ଦାସ, ଅତୁଲ ଶତପଥୀ, ଜଗନ୍ନାଥ ମହାରଣା, ସେକ ରାଜୁ, ରୀତିକ ଜୀ, ସେକ ଅସଲାମ, ସେକ ଆଲାମ, ଶକ୍ତିକାନ୍ତ ଜେନା, ଯୁବ ନେତା ଉମାଶଙ୍କର ତିଆଡ଼ି, ଛାତ୍ର ନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ । ସଦର ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ନେତୃତ୍ୱ ଏବଂ ବିଜୁ ଜନତା, ମହିଳା, ଯୁବ ଓ ଛାତ୍ରର ଶତାଧିକ ନେତୃତ୍ୱ ଓ କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଟାଉନ ବିଜେଡି ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ । ସଭା ପରେ ନେତୃତ୍ୱମାନେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ପ୍ରଶିକ୍ଷଣ ଶିବିର

ବଲାଙ୍ଗୀର, ୪/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆଜି ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମନୋରଞ୍ଜନ ପାଣିଗ୍ରାହୀ, ଡକ୍ଟର ସଞ୍ଜୟ କୁମାର ପଣ୍ଡା, ଡକ୍ଟର ବିପ୍ଲବ ରଞ୍ଜନ ପ୍ରଧାନ ଡକ୍ଟର ସିଦ୍ଧାନ୍ତ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଶବ୍ଦଭଣ୍ଡାରର ବ୍ୟାବହାରିକ ରୂପ, ଓଡ଼ିଆ ଲିଖନର ସାଧାରଣ ଭ୍ରାନ୍ତି ନିରାକରଣ, ସରକାରୀ କାର୍ଯ୍ୟରେ ଓଡ଼ିଆ ବ୍ୟବହାରର ସମସ୍ୟା ଓ ସମାଧାନ, ଇଂରାଜୀରୁ ଓଡ଼ିଆ ଟିପ୍ପଣୀ, ଚିଠି ଓ ଆଦେଶନାମା, ଅନୁବାଦ, କାର୍ଯ୍ୟାଳୟ ପତ୍ର ବିନିମୟ, ସଂକ୍ଷେପାକ୍ଷର ପ୍ରୟୋଗ, ବାକ୍ୟଗଠନ ଓ ଚିହ୍ନ ପ୍ରୟୋଗ, ଯୋଗାଯୋଗ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି ଓ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ପ୍ରୋତ୍ସାହନ ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ, ଆଲୋଚନା ହୋଇଥିଲା।

# ଶିଶୁ ବିବାହ ନିରାକରଣ ଓ କିଶୋର-କିଶୋରୀ ସଶକ୍ତିକରଣ ପାଇଁ ଜିଲ୍ଲା କୌଶଳଗତ କାର୍ଯ୍ୟଯୋଜନା ଉନ୍ମୋଚିତ

ଝାରସୁଗୁଡ଼ା, ୪/୦୬ (ନି.ପ୍ର): ଶିଶୁ ବିବାହ ନିରାକରଣ ଏବଂ କିଶୋର-କିଶୋରୀଙ୍କ ସଶକ୍ତିକରଣ ଉଦ୍ଦେଶ୍ୟରେ ୨୦୨୬- ୨୦୨୯ ଅବଧି ପାଇଁ ପ୍ରସ୍ତୁତ ଜିଲ୍ଲା କୌଶଳଗତ କାର୍ଯ୍ୟଯୋଜନା ସମ୍ପର୍କିତ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଡି. ଏମ. ଏଫ. ଅଡିଟରିୟମ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବିଭିନ୍ନ ବିଭାଗ, ସଂସ୍ଥା ଓ ହିତାଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଶିଶୁ ବିବାହ ରୋକିବା ଏବଂ କିଶୋର-କିଶୋରୀଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା। କାର୍ଯ୍ୟକ୍ରମର ଆରମ୍ଭରେ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡ଼ତିଆ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପରେ ଜିଲ୍ଲା କୌଶଳଗତ କାର୍ଯ୍ୟଯୋଜନା ର ଔପଚାରିକ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟଯୋଜନା ମାଧ୍ୟମରେ ଶିଶୁ ଓ କିଶୋର-କିଶୋରୀଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ବିକାଶକୁ ପ୍ରାଥମିକତା ଦିଆଯାଇଛି । ଶିଶୁ ସୁରକ୍ଷା ବିଶେଷଜ୍ଞ ଭାବେ ବରିଷ୍ଠ ପରାମର୍ଶଦାତା, ଶିଶୁ ସୁରକ୍ଷା , ୟୁନିସେଫ, ଭୁବନେଶ୍ୱର ଘାସିରାମ ପଣ୍ଡା ଏବଂ ସହକାରୀ ରାଜ୍ୟ ସଂଯୋଜିକା, ଅଦ୍ୱିକା ଶକୁନ୍ତଳା ଦାଶ ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଓ ମୁଖ୍ୟ ବିଷୟବସ୍ତୁ ଉପସ୍ଥାପନ କରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟ, ସମସ୍ତ ବିଭାଗ ର ସକ୍ରିୟ ଅଂଶଗ୍ରହଣ, ନିରୀକ୍ଷଣ ବ୍ୟବସ୍ଥା, ରିପୋର୍ଟିଂ ପ୍ରଣାଳୀର ଗୁରୁତ୍ୱ ଏବଂ ସମୀକ୍ଷା ଉପରେ ଆଲୋକପାତ କରିଥିଲେ। ୟୁନିସେଫ୍ ଏବଂ ଶିଶୁ ସୁରକ୍ଷା କ୍ଷେତ୍ରର ବିଶେଷଜ୍ଞମାନେ କାର୍ଯ୍ୟଯୋଜନାର ସଫଳ ରୂପାୟନ ପାଇଁ ବିଭିନ୍ନ କୌଶଳ ଏବଂ ହିତାଧିକାରୀଙ୍କ ଭୂମିକା ସମ୍ପର୍କରେ ମତାମତ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଯୋଗଦେଇ ଶିଶୁ ବିବାହ ମୁକ୍ତ ସମାଜ ଗଠନ ଏବଂ କିଶୋର-କିଶୋରୀଙ୍କ ପାଇଁ ଏକ ସୁରକ୍ଷିତ ଓ ସହାୟକ ପରିବେଶ ସୃଷ୍ଟି ନିମନ୍ତେ ସମସ୍ତ ବିଭାଗ, ଅନୁଷ୍ଠାନ ଓ ସମୁଦାୟର ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମଧୁସିକ୍ତକ୍ଷ ମିଶ୍ର ଶିଶୁ ବିବାହ ରୋକିବା ଦିଗରେ ପୋଲିସ ର ଭୂମିକା ବିଷୟରେ ମତାମତ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ବି. କେ ଦତ୍ତ ଶିଶୁ ବିବାହ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବୋଲି ମତବ୍ୟକ୍ତ କରିବା ସହ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅଧକ୍ଷା, ଶିଶୁ ମଙ୍ଗଳ ସମିତି, ଝାରସୁଗୁଡା ସଂଯୁକ୍ତା ମହାପାତ୍ର ବାଲ୍ୟ ବିବାହ ନିରାକରଣ ଏବଂ କିଶୋର କିଶୋରୀ ସଶକ୍ତିକରଣ କ୍ଷେତ୍ର ରେ ବିଭିନ୍ନ ସକରାତ୍ମକ ପଦକ୍ଷେପ ବିଷୟରେ ନିଜ ମତବ୍ୟକ୍ତ କରିଥିଲେ କ୍ଷ ଜ଼ିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଶିଶୁ ବିବାହ ନିରାକରଣ ପାଇଁ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବିଭିନ୍ନ ବିଭାଗ ର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଏହାର ସମ୍ପ୍ରସାରଣ ପାଇଁ ସ୍ଥାନାନ୍ତରିତ ୨୦୩ଟି ପରିବାରକୁ କ୍ଷତିପୂରଣ ପ୍ୟାକେଜ୍ ୮.୩ କୋଟିରୁ ଊର୍ଦ୍ଧ୍ୱ ଏବଂ ୭୩ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ସୁଯୋଗ



ରାଉରକେଲା , ୪/୦୬ (ନି.ପ୍ର): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏହାର ବର୍ତ୍ତମାନର ପ୍ରତିଷ୍ଠାନ ସଂଲଗ୍ନ ନିଜସ୍ୱ ଜମିରେ ଏକ ବୃହତ ଗ୍ରୀନ୍ ଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟକାରୀ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ, ଯାହା ୩୦ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୪.୬୫ ମିଲିୟନ୍ ଟନ୍‌ରୁ ୯.୮ ମିଲିୟନ୍ ଟନ୍‌କୁ ବୃଦ୍ଧି କରିବ। ଏହା ସତ୍ତ୍ୱେ, ଇସ୍ପାତ କାରଖାନା ଏହା ନିଶ୍ଚିତ କରିବାକୁ ପ୍ରତିବଦ୍ଧ ଯେ ଏହାର ସମ୍ପ୍ରସାରଣ ପ୍ରକଳ୍ପ ସ୍ଥାନୀୟ ସମୁଦାୟର କଲ୍ୟାଣ ସହିତ ସମନ୍ୱୟ ରକ୍ଷା କରି ଆଗକୁ ବଢ଼ିବ। ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ଜମିରେ ଥିବା କୁଡ଼ିଆଗୁଡ଼ିକରେ ବର୍ତ୍ତମାନ ବସବାସ କରୁଥିବା ଲୋକଙ୍କୁ ତତ୍କାଳ ଆର୍ଥିକ ସହାୟତା ଏବଂ ସ୍ଥାୟୀ ଭିତ୍ତିଭୂମି ଉଭୟ ପ୍ରଦାନ କରି, ଇସ୍ପାତ କାରଖାନା ଏଥିରେ ଜଡ଼ିତ ପ୍ରତ୍ୟେକ ପରିବାର ପାଇଁ ଏକ ସ୍ଥିର ସ୍ଥାନାନ୍ତର ପ୍ରକ୍ରିୟା ସୁନିଶ୍ଚିତ କରିବାକୁ କାର୍ଯ୍ୟ କରୁଛି। ଯୋଜନା ଅନୁଯାୟୀ, ଇସ୍ପାତ କାରଖାନା ପକ୍ଷରୁ ୨୦୨୬ ଜୁନ୍ ୨ ତାରିଖ ସୁଦ୍ଧା ୨୦୩ଟି ପରିବାରକୁ ୮.୩ କୋଟିରୁ ଅଧିକ ଟଙ୍କା କ୍ଷତି ପୂରଣ ବାବଦ କୁ ପ୍ରଦାନ କରାଯାଇଛି। ଏହା ବ୍ୟତୀତ, ଆର.ଏସ.ପି. ଏପର୍ଯ୍ୟନ୍ତ ୭୩ ଜଣ ବ୍ୟକ୍ତିଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ମାଧ୍ୟମରେ ସାମିଲ କରିଛି, ଯାହା ପ୍ରଭାବିତ ପରିବାରଗୁଡ଼ିକୁ ସ୍ଥିର ରୋଜଗାରର ସୁଯୋଗ ଯୋଗାଇ ଦେଇଛି। ଦେଓଗାଁ ନିକଟସ୍ଥ ଏକ ପ୍ରମୁଖ ସ୍ଥାନରେ ଦ୍ରୁତ ଗତିରେ ଅବଶ ନିର୍ମିତ ବିକାଶ କାର୍ଯ୍ୟ ଚାଲିଛି, ଯେଉଁଠାରେ ରାସ୍ତା ସଂଯୋଗୀକରଣ, ବିଦ୍ୟୁତ, ଜଳ ଯୋଗାଣ ଏବଂ ନିଷ୍କାସନ ବ୍ୟବସ୍ଥା (ଡ୍ରେନେଜ୍ ସିଷ୍ଟମ୍) ଭଳି ଭିତ୍ତିଭୂମି ସହିତ ପ୍ଲଟ୍‌ଗୁଡ଼ିକୁ ପ୍ରସ୍ତୁତ କରାଯାଉଛି। ଏହି କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହେବା ପରେ, ସମସ୍ତ ଆବଶ୍ୟକୀୟ ମାଲିକାନା ଦଲିଲ୍ ସହିତ ପ୍ଲଟ୍‌ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଏହି ପରିବାରଗୁଡ଼ିକୁ ହସ୍ତାନ୍ତର କରାଯିବ। ଏକ ସହଜ ସ୍ଥାନାନ୍ତର ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ, ବର୍ତ୍ତମାନ ୧୦୨ଟି କୁଡ଼ିଆରେ ରହୁଥିବା ପରିବାରଗୁଡ଼ିକୁ ଇସ୍ପାତ କାରଖାନା ଦ୍ୱାରା ବ୍ୟବସ୍ଥା କରାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି।

# ଚର୍ମ କର୍କଟର ବିପଦ, ପରୀକ୍ଷା ଓ ପ୍ରତିଷେଧକ



'ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଶ୍ରେୟସ୍କର' ପ୍ରବାଦଟି ଚର୍ମ କର୍କଟ ବିଷୟରେ ବିଚାର କରିବା ବେଳେ ଖୁବ୍ ପ୍ରାସଙ୍ଗିକ। ଚର୍ମ କର୍କଟ ସାଧାରଣତଃ ଚର୍ମର ତନ୍ତୁ ମଧ୍ୟରେ ମାଲିଗ୍ନାଣ୍ଟ୍ କୋଷଗୁଡ଼ିକର ଅସ୍ୱାଭାବିକ ବୃଦ୍ଧି ଦ୍ୱାରା ହୋଇଥାଏ। ଯଦିଓ ଏହା ପ୍ରାୟତଃ ସୂର୍ଯ୍ୟକିରଣ ସହିତ ଜଡ଼ିତ, ଏହା ବେଳେ ବେଳେ ସୂର୍ଯ୍ୟକିରଣରୁ ସୁରକ୍ଷାପ୍ରାପ୍ତ ଚର୍ମରେ ମଧ୍ୟ ବିକଶିତ ହୋଇପାରେ। ପାଶ୍ଚାତ୍ୟ ବିଶ୍ୱ ତୁଳନାରେ ଭାରତରେ ଏହାର ପ୍ରାଦୁର୍ଭାବ କମ୍ ଥିଲେ ମଧ୍ୟ, ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚର୍ମ କର୍କଟ ଏକ ଚିନ୍ତାର ବିଷୟ ହୋଇ ରହିଛି।

ଚର୍ମ କର୍କଟ ସାଧାରଣତଃ ତିନି ପ୍ରକାରର; ଯଥା ବାସାଲ୍ ସେଲ୍ କାର୍ସିନୋମା, ସ୍କ୍ୱାମସ୍ ସେଲ୍ କାର୍ସିନୋମା ଏବଂ ମେଲାନୋମା। ଭାରତୀୟ ଭେଷଜ ଗବେଷଣା ପରିଷଦ(ଆଇସିଏମ୍ଆର) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ସମଗ୍ର ଭାରତରେ ଚର୍ମ କର୍କଟ ରୋଗର ଆଞ୍ଚଳିକ ପରିବର୍ତ୍ତନକୁ ଦର୍ଶାଇଛି। ଉତ୍ତର ଭାରତରେ ମେଲାନୋମାର ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ବେଳେ ଉତ୍ତର-ପୂର୍ବ ଅଞ୍ଚଳରେ, ବିଶେଷକରି ନାଗାଲାଣ୍ଡରେ ଅଣମେଲାନୋମା ଅଧିକ ଦେଖା ଯାଇଛି।

ଚର୍ମ କର୍କଟ ବିପଦକୁ ହ୍ରାସ କରିବା ପାଇଁ ଅତି ବାଇଗଣୀ ରଶ୍ମି ସଂସ୍ପର୍ଶକୁ କମ୍ କରିବା ଭଳି ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ ହେଉଛି ଏ ଦିଗରେ ପ୍ରଥମ ଫଳପ୍ରସୂ ପ୍ରତିରକ୍ଷା

ଚର୍ମ କର୍କଟ ବିପଦକୁ ହ୍ରାସ କରିବା ପାଇଁ ଅତି ବାଇଗଣୀ ରଶ୍ମି ସଂସ୍ପର୍ଶ ବିରୋଧରେ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବା ହେଉଛି ପ୍ରଥମ ପ୍ରତିରକ୍ଷା। ସୂର୍ଯ୍ୟ ସଂସ୍ପର୍ଶକୁ ସୀମିତ କରିବା, ବିଶେଷକରି ଭୀଷଣ ଖରା ସମୟରେ ଛାଇରେ ରହିବା ଆଦି ପ୍ରଭାବଶାଳୀ ପ୍ରତିଷେଧକ ହୋଇପାରିବ। ଏଥି ସହିତ ପ୍ରତ୍ୟହ ବ୍ରଡ୍-ସ୍ପେକ୍ଟ୍ରମ୍ ସନ୍ସ୍କ୍ରିନ୍ ପ୍ରୟୋଗ ଅତିରିକ୍ତ ସୁରକ୍ଷା ଯୋଗାଇପାରିବ। ସେହିପରି ଇ-ସିଗାରେଟ୍ ସମେତ ଧୂମପାନରୁ ଦୂରେଇ ରହିବା ଆଦି ପଦକ୍ଷେପ ସ୍କ୍ୱାମସ୍ ସେଲ୍ କାର୍ସିନୋମା ଓ ମେଲାନୋମା ହେବାର ବିପଦକୁ କମାଇଦିଏ। ବୟସ ବଢ଼ିବା ସହିତ ଚର୍ମ କର୍କଟ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଚର୍ମରେ ଦେଖାଦେଉଥିବା ପରିବର୍ତ୍ତନ ଉପରେ ନଜର ରଖିବା ଉଚିତ। ଆବଶ୍ୟକ ସ୍ଥଳେ ଚର୍ମରୋଗ ବିଶେଷଜ୍ଞଙ୍କ ସହିତ ଆଲୋଚନା ମାଧ୍ୟମରେ ଚର୍ମ କର୍କଟ ବିପଦ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ। ଚର୍ମ କର୍କଟ ପରୀକ୍ଷଣ ବା ନିରୂପଣ ପାଇଁ କର୍କଟ କିମ୍ବା ପ୍ରାକ୍ କର୍କଟ ଅବସ୍ଥାର ସୂଚକ ସ୍ୱରୂପ ଚର୍ମ ଉପରେ କୌଣସି ନୂତନ ବୃଦ୍ଧି, ଦାଗ କିମ୍ବା ଅସ୍ୱାଭାବିକତାକୁ ବିଶ୍ଳେଷଣ କରାଯାଇଥାଏ। ଯଦି କୌଣସି ଚିନ୍ତାର କ୍ଷେତ୍ର ଚିହ୍ନଟ ହୁଏ, ତେବେ କର୍କଟ କୋଷର ଉପସ୍ଥିତି ନିଶ୍ଚିତ କରିବା ପାଇଁ ଚର୍ମ ବାୟୋପ୍ସି ପରି ଅଧିକ ପରୀକ୍ଷା ସୁପାରିସ କରାଯାଇପାରେ। ମେଲାନୋମାର ଅଧିକ ବିପଦ ଥିବା ବ୍ୟକ୍ତି କୋଷୀୟ ସ୍ତରରେ ଚର୍ମ କର୍କଟ ଚିହ୍ନଟ କରିବା ପାଇଁ ସମ୍ପୂର୍ଣ୍ଣ ଶରୀରର ୩ଡି ଇମେଜିଂ କିମ୍ବା କନ୍‌ଫୋକାଲ୍ ମାଇକ୍ରୋସ୍କୋପି ଭଳି ଉନ୍ନତ ଇମେଜିଂ ପଦ୍ଧତିରେ ସ୍କ୍ରିନିଂ କରାଯାଇଥାଏ। ଏହି ଅତ୍ୟାଧୁନିକ ପରୀକ୍ଷଣ କୌଶଳଗୁଡ଼ିକ ମେଲାନୋମାକୁ ପ୍ରାରମ୍ଭିକ ସ୍ତରରୁ ଚିହ୍ନଟରେ ସାହାଯ୍ୟ କରିଥାଏ, ବିଶେଷକରି ଶରୀରରେ ଅନେକ କଳାଜାଇ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଲାଭଦାୟକ। ସମ୍ପୂର୍ଣ୍ଣ ଶରୀରର ୩ଡି ଇମେଜିଂ ସହିତ, ଡାକ୍ତରମାନେ ଶରୀରର ଏକ ଡିଜିଟାଲ୍ ମଡେଲ୍ ତିଆରି କରି ପ୍ରତିଟି ଚର୍ମକ୍ଷତର ବିସ୍ତୃତ ତର୍ଜମା କରିପାରିବେ। ଚର୍ମ କର୍କଟ ସ୍କ୍ରିନିଂ ସାମଗ୍ରିକ ପ୍ରତିରୋଧକ ସ୍ୱାସ୍ଥ୍ୟର ଏକ ଅଂଶ ହୋଇପାରେ।




କାକୁଡି ଏକ ଲାଭଦାୟକ ଫଳ, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିଥାଏ, କିନ୍ତୁ କିଛି ଖାଦ୍ୟ ସହିତ ଏହାକୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଜାଣନ୍ତୁ, ଏହି ଖାଦ୍ୟ ସହିତ କାକୁଡ଼ି ଖାଇବାଠାରୁ ଦୂରେଇ ରହିବା ଉଚିତ। କାକୁଡ଼ି ସହିତ ଭୁଲ ଖାଦ୍ୟ ମିଶ୍ରଣ ପାଚନ ସମସ୍ୟା, ଗ୍ୟାସ ଏବଂ ପୁଷ୍ଟିହାର ହ୍ରାସ କରିପାରେ। ଆସନ୍ତୁ ଜାଣିବା କାକୁଡି ସହିତ କଣ ଖାଇବା ଉଚିତ ନୁହେଁ? କାକୁଡିରେ ପ୍ରଚୁର ପରିମାଣରେ ଭିଟାମିନ ସି ଏବଂ ପାଣି ଥାଏ, ଯେତେବେଳେ କ୍ଷୀର ଏକ ପ୍ରୋଟିନ, ଚର୍ବିଯୁକ୍ତ ଖାଦ୍ୟ। ଉଭୟକୁ ଏକାଠି ସେବନ କରିବା ଦ୍ୱାରା ପାଚନ ସମସ୍ୟା, ଗ୍ୟାସ ଏବଂ ଏସିଡିଟି ହୋଇପାରେ। କାକୁଡିରେ ଏପରି କିଛି ଉପାଦାନ ଥାଏ ଯାହା ଖଟା ଫଳ ସହିତ ମିଶିଲେ ଏସିଡିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ଏହା ପେଟ ପୋଡ଼ା, ଗ୍ୟାସ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରିପାରେ। ତେଣୁ କାକୁଡି ସହିତ ଖଟା ଫଳ ଖାଇବାରୁ ଦୂରେଇ ରୁହନ୍ତୁ। ଭୋଜିରେ ପ୍ରାୟତଃ କାକୁଡି ଏବଂ ଟମାଟୋ ଏକାଠି ପରିବେଷଣ କରାଯାଏ, କିନ୍ତୁ ଏହି ଦୁଇଟି ଖାଦ୍ୟର ପାଚନ ସମୟ ଭିନ୍ନ ହୋଇଥାଏ। ଟମାଟୋ ଏସିଡିକ ଏବଂ କ୍ଷାରୀୟ ହୋଇଥାଏ, ତେଣୁ ଏହାର ମିଶ୍ରଣ କିଛି ଲୋକଙ୍କ ପାଇଁ ଗ୍ୟାସ, ଏସିଡିଟି ଏବଂ ଓକାର ଭଳି ସମସ୍ୟା ସୃଷ୍ଟି କରିପାରେ। କାକୁଡି ଏବଂ ତରଭୁଜର ମିଶ୍ରଣ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। କିନ୍ତୁ ଏଗୁଡ଼ିକୁ ଏକାଠି ଖାଇବା ଦ୍ୱାରା ପାଚନ ତନ୍ତ୍ର ଉପରେ ଅତ୍ୟଧିକ ଚାପ ପଡ଼ିଥାଏ। ଏହା ଡାଇରିଆ, ଗ୍ୟାସ ଏବଂ କ୍ରାମ୍ପ ସୃଷ୍ଟି କରିପାରେ, ବିଶେଷକରି ଦୁର୍ବଳ ପାଚନ ଶକ୍ତି ଥିବା ଲୋକଙ୍କ ପାଇଁ ଏହି ସମସ୍ୟା ବଢ଼ିପାରେ। ତେଣୁ କାକୁଡ଼ି ଏବଂ ତରଭୁଜ ଏକାଠି ଖାଇବାରୁ ଦୂରେଇ ରୁହନ୍ତୁ। କାକୁଡି ଶରୀରକୁ ଥଣ୍ଡା କରିଥାଏ, ଯେତେବେଳେ ମସଲାଯୁକ୍ତ ଖାଦ୍ୟ ଗରମ ପ୍ରଭାବ ପକାଇଥାଏ। ଉଭୟକୁ ଏକାଠି ସେବନ କରିବା ଦ୍ୱାରା ଶରୀରର ତାପମାତ୍ରାରେ ଅସନ୍ତୁଳନ ହୋଇପାରେ, ଯାହା ପାଚନ ସମସ୍ୟା ସୃଷ୍ଟି କରିପାରେ।

# ବ୍ୟାୟାମ କରିବା ପୂର୍ବରୁ ଏସବୁ ଦିଗ ପ୍ରତି ରଖନ୍ତୁ ଧ୍ୟାନ



ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହି ସମୟରେ ଶୋଷ ଲାଗିଲେ ଅଳ୍ପ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



# କେମିତି ବଢାଇବେ ପିଲାଙ୍କ ସୋସିଆଲ ସ୍କିଲ୍: ଆପଣାନ୍ତୁ ଏହି ଟିପ୍ସ

ପିଲାଙ୍କ ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ସୋସିଆଲ ସ୍କିଲ୍ ମଧ୍ୟ ବଢ଼ାଇବାକୁ ହୋଇଥାଏ। ପିଲାମାନେ ଯଦି ଏହି କ୍ଷେତ୍ରରେ ଦୁର୍ବଳ ରହିଥାନ୍ତି ତେବେ ମାତାପିତା ଏଥିପ୍ରତି ଦୃଷ୍ଟିଦେବା ଜରୁରୀ।

ପିଲାଙ୍କୁ ଶେୟାରିଂ ଗୁଣ ଶିଖାନ୍ତୁ। ଫଳରେ ପିଲାମାନେ ସମସ୍ତଙ୍କ ସହ ମିଳିମିଶି ଚଳିପାରିବେ। ପିଲାବେଳରୁ ଏହି ଗୁଣ ଶିଖିଥିଲେ ବଡ଼ ହେବା ପରେ ତା'ର ପ୍ରଭାବ ପଡ଼ିଥାଏ। ପ୍ରତି କ୍ଷେତ୍ରରେ ସେମାନେ ସମସ୍ତଙ୍କ ସହ ମିଶି ସବୁକାମ କରିବାକୁ ପସନ୍ଦ କରିବେ। ଫଳରେ ସେମାନଙ୍କ ସୋସିଆଲ୍ ସ୍କିଲ ବହୁତ ଭଲ ହୋଇପାରିବ। କେତେଜଣ ପିଲା ନିଜ ଖେଳନା କାହାକୁ ଦେଇ ନ ଥାନ୍ତି। ବରଂ ଅନ୍ୟମାନଙ୍କ ଖେଳନାରେ ଖେଳିବାକୁ ପସନ୍ଦ କରନ୍ତି। ପିଲାଙ୍କର ଏହି ଗୁଣକୁ ବଦଳାଇବାକୁ କୁହନ୍ତୁ। ସମସ୍ତଙ୍କ ଖେଳନାରେ ସମସ୍ତେ ଖେଳିବା ଦରକାର ବୋଲି ବୁଝାନ୍ତୁ। ଏହା ଫଳରେ ସେମାନେ ଉଦାର ହୃଦୟର ହୋଇପାରିବେ ଓ ଏକାଠି ରହିବା ଶିଖିପାରିବେ।

ନୈତିକତା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗପ ଶୁଣାନ୍ତୁ। ଏହି ମାଧ୍ୟମରେ ଉତ୍ତମ ଚରିତ୍ରର ବ୍ୟକ୍ତି ସମାଜରେ କିଭଳି ପ୍ରଶଂସିତ ହୋଇପାରନ୍ତି ପିଲାଙ୍କୁ ବୁଝାନ୍ତୁ। ଫଳରେ ଏହାର ପ୍ରଭାବରେ ସେମାନେ ନିଜକୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିପାରିବେ ଓ ଅନ୍ୟର ଉପକାର ଚିନ୍ତା କରିପାରିବେ। ନମ୍ରତା ଏକ ଭଲ ଗୁଣ। ଏଭଳି ଗୁଣ ସମ୍ପର୍କରେ ପିଲାଙ୍କୁ ଶିଖାନ୍ତୁ। ଏହା ସେମାନଙ୍କ ବ୍ୟକ୍ତିତ୍ୱ ବୃଦ୍ଧି କରିପାରିବ। ଫଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନେ ଭଲ କାମ କରିବାର ପ୍ରୟାସ କରିବେ। ଏସବୁ ଦ୍ୱାରା ସେମାନଙ୍କ ସୋସିଆଲ ସ୍କିଲ୍ ବହୁତ ଭଲ ହୋଇପାରିବ।

# ଏସବୁ ଖାଦ୍ୟ ଗରମ କରି ଖାଉଛନ୍ତି କି? ହୋଇଯାନ୍ତୁ ସାବଧାନ, ନଚେତ୍...





କିଛି ଖାଦ୍ୟ ଏପରି ଅଛି ଯାହାକୁ ଅଧିକ ଗରମ କରି ଖାଇଲେ ତାହା ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏନେଇ ଜାଣିବା ପରେ ବଦଳାଇ ଦିଅନ୍ତୁ ଅଭ୍ୟାସ

ବ୍ରେଡ୍: ହ୍ୱାଇଟ୍ ବ୍ରେଡ୍‌ରେ କାର୍ବୋହାଇଡ୍ରେଟ୍ସ ଓ ସୁଗାର ବହୁ ଅଧିକ ରହିଥାଏ। ଏହାକୁ ଅଧିକ ଗରମ କଲେ ଏଥିରେ ଏଭଳି ଏକ ତତ୍ତ୍ୱ ସୃଷ୍ଟି ହୁଏ ଯାହା କ୍ୟାନ୍‌ସରର ଆଶଙ୍କା ବଢ଼ାଇ ଦେଇଥାଏ। ତେଣୁ ବ୍ରେଡ୍‌କୁ ଅଧିକ ଗରମ କରନ୍ତୁ ନାହିଁ ଓ ପୋଡ଼ିଯାଇଥିବା ଅଂଶକୁ ଆଦୌ ଖାଆନ୍ତୁ ନାହିଁ।

ଆଳୁ: ଛୋଟରୁ ବଡ଼ ସମସ୍ତଙ୍କର ପ୍ରିୟ ଆଳୁ। ହେଲେ ଏହାକୁ ଅଧିକ ଭାଜି ଖାଇଲେ ତାହା ମଧ୍ୟ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିପାରେ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଆଳୁକୁ ଅଧିକ ଆଞ୍ଚରେ ଭାଜିଲେ ବା ଗରମ କଲେ ସେଥିରୁ ଏକ ହାନିକାରକ ତତ୍ତ୍ୱ ବାହାରିଥାଏ ଯାହା ମଧ୍ୟ କ୍ୟାନ୍‌ସର ସୃଷ୍ଟି କରିବାର ଏକ କାରଣ ହୋଇପାରେ।



ତେଲ: ତେଲରେ କୌଣସି ଜିନିଷକୁ ଛାଣି ଖାଇବା ପରେ ବଳକା ତେଲକୁ ବାରମ୍ବାର ଗରମ କରି ଖାଇଲେ ତାହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। କାରଣ ତେଲକୁ ବାରମ୍ବାର ଗରମ କଲେ ସେଥିରେ ହାନିକାରକ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି ଯାହା କ୍ୟାନ୍‌ସର ସୃଷ୍ଟିର ମଧ୍ୟ ଅନ୍ୟତମ କାରଣ ହୋଇପାରେ।

ଫ୍ରୋଜନ ଫୁଡ୍: ମାର୍କେଟରେ ମିଳୁଥିବା ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ପ୍ରକାରରେ ରଖାଯାଇଥିବା ମାଂସରେ ନାଇଟ୍ରେଟ୍ ଓ ନାଇଟ୍ରାଇଟ୍ ଭଳି ପଦାର୍ଥ ରହିଥାଏ ଯାହାକୁ ରାନ୍ଧିବା ମାତ୍ରେ ଏକ ପ୍ରକାର ହାନିକାରକ ତତ୍ତ୍ୱ ବାହାରିଥାଏ, ଯାହା କ୍ୟାନ୍‌ସର ସୃଷ୍ଟି କରିପାରେ। ଯଦି ଏହି ପ୍ରକାର ମାଂସ ଆଣନ୍ତି ତେବେ ଏହାକୁ ଓଭରକୁକ୍ କରନ୍ତୁ ନାହିଁ।

ମାଛ: ମାଛରେ ପ୍ରୋଟିନ୍ ରହିଛି। କିନ୍ତୁ ଏହାକୁ ଅଧିକ ଭାଜି ଖାଇଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ।

ସେହିପରି ପ୍ଲାଷ୍ଟିକ୍ ବାସନ ନେଇ ଓଭାନ୍‌ରେ ଗରମ କରି ଖାଇଲେ, ନନ୍‌ଷ୍ଟିକ୍ ବାସନରେ ପୋଡ଼ିଯାଇଥିବା ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ।





# ବଢୁଛି ଆରବ ସାଗରର ତାତି: ଘନୀଭୂତ ହେଉଛି ବାତ୍ୟା ଓ ମୌସୁମୀ ଅନିଶ୍ଚିତତା

ଶତାବ୍ଦୀ ଶତାବ୍ଦୀ ଧରି ଆରବ ସାଗର ଭାରତ, ଓମାନ, ପାକିସ୍ତାନ ଏବଂ ସୋମାଲିଆ ଭଳି ଦେଶଗୁଡ଼ିକର ଜଳବାୟୁ, ମତ୍ସ୍ୟଚାଷ, ବାଣିଜ୍ୟ, ଅର୍ଥନୀତି ଏବଂ ଖାଦ୍ୟ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାରେ ଏକ ପ୍ରମୁଖ ତଥା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସିଛି । ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ, ଆରବ ସାଗର ସ୍ୱାଭାବିକ ଭାବରେ ଅପେକ୍ଷାକୃତ ଶାନ୍ତ ରହିବା ସହ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ସମୟରେ ଥଣ୍ଡା ରହୁଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ଆଜି ଏହି ବିଶାଳ ଜଳରାଶି ନିଜେ ଏକ ଗଭୀର ଏବଂ ଅଦୃଶ୍ୟ ସଙ୍କଟ ଦେଇ ଗତି କରୁଛି । ସମୁଦ୍ର ପୃଷ୍ଠର କ୍ରମାଗତ ତାପମାତ୍ରା ବୃଦ୍ଧି ଏବଂ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଆରବ ସାଗର ବର୍ତ୍ତମାନ ସାମୁଦ୍ରିକ ବା ମେରାଇନ୍ ହିଟ୍‌ୱେଭ୍, ଅତି ଭୟଙ୍କର ବାତ୍ୟା ଏବଂ ଘୂର୍ଣ୍ଣିବଳୟର ଏକ ସକ୍ରିୟ କେନ୍ଦ୍ରବିନ୍ଦୁ ପାଲଟିଛି । ସ୍ଥଳଭାଗରେ ଅନୁଭୂତ ହେଉଥିବା ଉତ୍ତାପ ତରଙ୍ଗ ବା ଗ୍ରୀଷ୍ମ ପ୍ରବାହ ଲୋକଙ୍କୁ ସହଜରେ ଦୃଶ୍ୟମାନ ହେଉଥିବା ବେଳେ, ସମୁଦ୍ର ଗର୍ଭରେ ଘଟୁଥିବା ଏହି ଅହେତୁକ ଉତ୍ତାପ ବୃଦ୍ଧି ସାଧାରଣ ଜନତାଙ୍କ ପାଇଁ ଅଦୃଶ୍ୟ ରହିଯାଏ । ସମୁଦ୍ର ଭିତରେ କୌଣସି ରାସ୍ତାଘାଟ ତରଳିବାର ବା କୋଠାବାଡ଼ି ଭାଙ୍ଗିବାର ଦୃଶ୍ୟ ନଥିଲେ ମଧ୍ୟ ଏହାର ଭୟାବହତା କୌଣସି ଗୁଣରେ କମ୍ ନୁହେଁ । ଏହା କେବଳ ସାମୁଦ୍ରିକ ପରିସଂସ୍ଥାକୁ ନଷ୍ଟ କରୁନାହିଁ, ବରଂ ଲକ୍ଷ ଲକ୍ଷ ଉପକୂଳବର୍ତ୍ତୀ ଲୋକଙ୍କ ଜୀବନ, ଜୀବିକା ଏବଂ ସମଗ୍ର ଅର୍ଥନୀତିକୁ ଏକ ଅନିଶ୍ଚିତତା ଆଡ଼କୁ ଠେଲି ଦେଉଛି ।

ବୈଜ୍ଞାନିକ ଦୃଷ୍ଟିକୋଣରୁ, ଯେତେବେଳେ ସମୁଦ୍ର ପୃଷ୍ଠର ତାପମାତ୍ରା କ୍ରମାଗତ ଭାବରେ ଅତି କମ୍‌ରେ ପାଞ୍ଚ ଦିନ ଧରି ଦୀର୍ଘକାଳୀନ ହାରାହାରି ତାପମାତ୍ରାର ୯୦ତମ ପର୍ସେଣ୍ଟାଇଲ୍ ଅତିକ୍ରମ କରେ, ତାହାକୁ ସାମୁଦ୍ରିକ ହିଟ୍ ୱେଭ୍ କୁହାଯାଏ । ଗତ କିଛି ଦଶନ୍ଧି ମଧ୍ୟରେ ଆରବ ସାଗର ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଉତ୍ତପ୍ତ ହେଉଥିବା ଗ୍ରୀଷ୍ମମଣ୍ଡଳୀୟ ସମୁଦ୍ର ଅବବାହିକା ମଧ୍ୟରୁ ଅନ୍ୟତମ ହୋଇପାରିଛି । ଗବେଷଣାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ୧୯୮୨ ରୁ ୨୦୧୯ ମସିହା ମଧ୍ୟରେ କରାଯାଇଥିବା ଏକ ବିସ୍ତୃତ ଅଧ୍ୟୟନରୁ ଜଣାପଡିଛି ଯେ ପ୍ରତି ଦଶନ୍ଧିରେ ଆରବ ସାଗରରେ ସାମୁଦ୍ରିକ ହିଟ୍ ୱେଭ୍ର ଅବଧି ପ୍ରାୟ କୋଡିଏ ଦିନ ବୃଦ୍ଧି ପାଉଛି ଏବଂ ଏହି ଘଟଣାଗୁଡ଼ିକ ଏବେ ସପ୍ତାହ କିମ୍ବା ମାସ ମାସ ଧରି ଲାଗି ରହୁଛି । ଏହି ଅହେତୁକ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ହେଉଛି ଆରବ ସାଗରର ନିଜସ୍ୱ ଭୌଗୋଳିକ ସ୍ଥିତି । ଏହା ତିନି ପଟୁ ସ୍ଥଳଭାଗ ଦ୍ୱାରା ଆବଦ୍ଧ ହୋଇ ରହିଥିବାରୁ ଏବଂ ଖୋଲା ସମୁଦ୍ର ସହ ଏହାର ଜଳ ବିନିମୟ ସୀମିତ ଥିବାରୁ ଏଠାରେ ଉତ୍ତାପ ସହଜରେ ଜମା ହୋଇ ରହିଥାଏ । ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ, ସମୁଦ୍ର ଜଳର ଉପର ଓ ତଳ ସ୍ତର ମଧ୍ୟରେ ମିଶ୍ରଣ ପ୍ରକ୍ରିୟାରେ ହ୍ରାସ, ଦୁର୍ବଳ ପୃଷ୍ଠତଳ ପବନ ଏବଂ ପ୍ରଖର ସୌର ବିକିରଣ ଏକାଠି ମିଶି ଏହି ସମସ୍ୟାକୁ ଆହୁରି ଗମ୍ଭୀର କରୁଛନ୍ତି । ଏଲ୍-ନିନୋ ବର୍ଷଗୁଡ଼ିକରେ ଏହି ପରିସ୍ଥିତି ଆହୁରି ଭୟଙ୍କର ରୂପ ଧାରଣ କରୁଛି, କାରଣ ଏହି ସମୟରେ ବାୟୁମଣ୍ଡଳୀୟ ପରିବର୍ତ୍ତନ ଯୋଗୁଁ ଭାରତ ମହାସାଗର ଉପରେ ସ୍ୱାଭାବିକ ପବନ ପ୍ରବାହ ଦୁର୍ବଳ ହୋଇଯାଏ, ଯାହା ଫଳରେ ସମୁଦ୍ରର ତଳ ଭାଗରୁ ଥଣ୍ଡା ଜଳ ଉପରକୁ ଆସିପାରେ ନାହିଁ ଏବଂ ଉପର ସ୍ତରରେ ଉଷ୍ମତା ବଜାୟ ରହେ ।

ଏହି ଅତ୍ୟଧିକ ଉତ୍ତାପର ସବୁଠାରୁ ଭୟଙ୍କର ପରିଣାମ ହେଉଛି ସାମୁଦ୍ରିକ ବାତ୍ୟା ଏବଂ ଘୂର୍ଣ୍ଣିବଳୟର ଆଶ୍ଚର୍ଯ୍ୟଜନକ ବୃଦ୍ଧି । ଐତିହାସିକ ଭାବରେ ବଙ୍ଗୋପସାଗରରେ ଆରବ ସାଗର ତୁଳନାରେ ଅଧିକ ବାତ୍ୟା ସୃଷ୍ଟି ହେଉଥିଲା । କିନ୍ତୁ ବର୍ତ୍ତମାନ ଏହି ଧାରାରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି । ପୁଣେ ସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜି ବା ଆଇଆଇଟିଏମ୍ ର ଗବେଷକମାନଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଗତ କିଛି ଦଶନ୍ଧି ମଧ୍ୟରେ ଆରବ ସାଗରରେ ଘୂର୍ଣ୍ଣିବଳୟର ଆବୃତ୍ତି ୫୨ ପ୍ରତିଶତ ବୃଦ୍ଧି ପାଇଛି । ଏହା ସହିତ ଏହାର ଅବଧି ୮୦ ପ୍ରତିଶତ ଏବଂ ତୀବ୍ରତା ପ୍ରାକ୍-ମୌସୁମୀ ସମୟରେ ୨୦ ପ୍ରତିଶତ ଓ ପରବର୍ତ୍ତୀ-ମୌସୁମୀ ସମୟରେ ୪୦ ପ୍ରତିଶତ ବୃଦ୍ଧି ପାଇଛି । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଆରବ ସାଗରରେ ପୁଞ୍ଜିଭୂତ ବାତ୍ୟା ଶକ୍ତି ତିନି ଗୁଣ ବୃଦ୍ଧି ପାଇଛି । ସମୁଦ୍ରର ଉଷ୍ମ ଜଳ ବାତ୍ୟାକୁ ଅତିରିକ୍ତ ଶକ୍ତି ପ୍ରଦାନ କରିଥାଏ, ଯାହା ଫଳରେ ତାହା ଖୁବ୍ କମ୍ ସମୟ ମଧ୍ୟରେ ଏକ ଭୟଙ୍କର ରୂପ ନେଇଥାଏ । ଏହି ପ୍ରକ୍ରିୟାକୁ ବିଜ୍ଞାନ ଭାଷାରେ 'ରାପିଡ୍ ଇଣ୍ଟେନ୍ସିଫିକେସନ୍' ବା ଦ୍ରୁତ ଘନୀଭୂତ ପ୍ରକ୍ରିୟା କୁହାଯାଏ । ବିଗତ ବର୍ଷଗୁଡ଼ିକରେ ତାଉକତେ, ନିସର୍ଗ ଭଳି ବାତ୍ୟା ଏହାର ଜ୍ୱଳନ୍ତ ଉଦାହରଣ । ସେହିପରି ୨୦୨୫ ମସିହା ସେପ୍ଟେମ୍ବର ମାସରେ ଉତ୍ତର-ପୂର୍ବ ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଶକ୍ତି' ସମୁଦ୍ରର ୨୮ ରୁ ୨୯ ଡିଗ୍ରୀ ସେଲସିୟସ୍ ଉଷ୍ମ ଜଳରୁ ପ୍ରଚୁର ଶକ୍ତି ସଂଗ୍ରହ କରି ଅତି ଦ୍ରୁତ ଗତିରେ ଘନୀଭୂତ ହୋଇଥିଲା । ଏହାର ପ୍ରଭାବରେ ଗୁଜରାଟର ସୌରାଷ୍ଟ୍ର ଏବଂ ମହାରାଷ୍ଟ୍ରର ମରାଠୱାଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ହେବା ସହ ୧୧,୫୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡ଼ିଥିଲା ଏବଂ ଧନଜୀବନର ବ୍ୟାପକ କ୍ଷତି ଘଟିଥିଲା ।

କେବଳ ବାତ୍ୟା ନୁହେଁ, ସାମୁଦ୍ରିକ ହିଟ୍ ୱେଭ୍ ଏବଂ ସମୁଦ୍ର ପୃଷ୍ଠର ତାପମାତ୍ରା ବୃଦ୍ଧି ଭାରତୀୟ ମୌସୁମୀ ପ୍ରକ୍ରିୟାକୁ ମଧ୍ୟ ବ୍ୟାପକ ଭାବରେ ପ୍ରଭାବିତ କରୁଛି । ସାଧାରଣତଃ ମୌସୁମୀ ସମୟରେ ପ୍ରବାହିତ ହେଉଥିବା ଦକ୍ଷିଣ-ପଶ୍ଚିମ ପବନ ବାଷ୍ପୀକରଣ ମାଧ୍ୟମରେ ଆରବ ସାଗରକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ । କିନ୍ତୁ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ ଆରବ ସାଗରରୁ ଆସୁଥିବା ନିମ୍ନ ସ୍ତରର ପବନ ବା ଲୋ-ଲେଭଲ୍ ଜେଟ୍ ର ଗତିପଥରେ ପରିବର୍ତ୍ତନ ଘଟି ଏହା ଉତ୍ତର ଦିଗକୁ ଘୁଞ୍ଚିଯାଉଛି ଏବଂ ଏହାର ଶକ୍ତି ବୃଦ୍ଧି ପାଉଛି । ଏହା ଫଳରେ ସମୁଦ୍ର ଉପରେ ଏକ ପ୍ରକାରର ଆଣ୍ଟି-ସାଇକ୍ଲୋନିକ୍ ସ୍ଥିତି ସୃଷ୍ଟି ହେଉଛି, ଯାହା ତଳ ସ୍ତରର ଥଣ୍ଡା ଜଳକୁ ଉପରକୁ ଆସିବାକୁ ଦେଉନାହିଁ । ଏହି କାରଣରୁ ମୌସୁମୀ ବର୍ଷାର ବିତରଣରେ ଅସ୍ୱାଭାବିକତା ଦେଖାଦେଉଛି । ଗବେଷଣା ଦର୍ଶାଉଛି ଯେ ଆରବ ସାଗରର ଉଷ୍ମତା ଯୋଗୁଁ କେନ୍ଦ୍ରୀୟ ଭାରତରେ ବୃଷ୍ଟିପାତ ହ୍ରାସ ପାଉଥିବା ବେଳେ, ଦକ୍ଷିଣ ଭାରତର ଉପଦ୍ୱୀପ ଅଞ୍ଚଳରେ ଅତ୍ୟଧିକ ଏବଂ ଅଚାନକ ଭାରୀ ବର୍ଷା ବା କ୍ଲାଉଡବର୍ଷ୍ଟ ଦେଖିବାକୁ ମିଳୁଛି । ଏକ ଉଷ୍ମ ମହାସାଗର ବାୟୁମଣ୍ଡଳରେ ଅଧିକ ଜଳୀୟ ବାଷ୍ପ ଯୋଗାଇଥାଏ, ଯାହା ଅଳ୍ପ ସମୟ ମଧ୍ୟରେ ପ୍ରବଳ ବର୍ଷା ଆକାରରେ ସ୍ଥଳଭାଗରେ ଖସିପଡ଼େ । ଏହି ଅନିୟମିତ ବର୍ଷା କୃଷି କ୍ଷେତ୍ର ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି ।

ଆରବ ସାଗରର ଏହି କ୍ରମାଗତ ଉଷ୍ମତା କେବଳ ପାଣିପାଗକୁ ନୁହେଁ, ବରଂ ସାମୁଦ୍ରିକ ପରିସଂସ୍ଥା ବା ମେରାଇନ୍ ଇକୋସିଷ୍ଟମ୍ ଏବଂ ଉପକୂଳବର୍ତ୍ତୀ ଲୋକଙ୍କ ଜୀବିକା ଉପରେ ଏକ ଅଭୂତପୂର୍ବ ବିପର୍ଯ୍ୟୟ ଡାକି ଆଣିଛି । ଦୀର୍ଘ ସମୟ ଧରି ଲାଗି ରହୁଥିବା ଉତ୍ତାପ ଯୋଗୁଁ ସମୁଦ୍ରରେ କୋରାଲ୍ ବ୍ଲିଚିଂ ବା ପ୍ରବାଳ ବିରଞ୍ଜନ ଘଟଣା ସାଧାରଣ ହୋଇଗଲାଣି । ସେହିପରି ସମୁଦ୍ର ଜଳର ମିଶ୍ରଣ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବାରୁ ତଳ ସ୍ତରରୁ ପୋଷକ ତତ୍ତ୍ୱ ଉପରକୁ ଆସିପାରୁ ନାହିଁ, ଯାହା ଫଳରେ ଫାଇଟୋପ୍ଲାଙ୍କଟନ୍‌ର ଉତ୍ପାଦନ ହ୍ରାସ ପାଉଛି । ଫାଇଟୋପ୍ଲାଙ୍କଟନ୍ ହେଉଛି ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳର ମୂଳଦୁଆ, ତେଣୁ ଏହାର ହ୍ରାସ ସମଗ୍ର ଜଳଜ ଜୀବଜଗତର ଭାରସାମ୍ୟକୁ ନଷ୍ଟ କରୁଛି । କେରଳ ଉପକୂଳରେ ଥିବା ମାଲାବାର ଅପୱେଲିଂ ଜୋନ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଫାଇଟୋପ୍ଲାଙ୍କଟନ୍ ଅଭାବ ଯୋଗୁଁ ମାଛ ଉତ୍ପାଦନ ଉପରେ ଗଭୀର ପ୍ରଭାବ ପଡ଼ିଛି । ଉଷ୍ମ ଜଳ ସମୁଦ୍ରରେ ଅମ୍ଳଜାନ ଧାରଣ କ୍ଷମତାକୁ କମାଇ ଦେଉଛି । ଆରବ ସାଗରରେ ପୂର୍ବରୁ ହିଁ ବିଶ୍ୱର ଅନ୍ୟତମ ବୃହତ୍ ଅମ୍ଳଜାନ ବିହୀନ ଅଞ୍ଚଳ ରହିଛି ଏବଂ ବର୍ତ୍ତମାନର ଉତ୍ତାପ ବୃଦ୍ଧି ଏହି ଅଞ୍ଚଳର ପରିସରକୁ ଆହୁରି ବଢ଼ାଉଛି । ତାପମାତ୍ରା ପରିବର୍ତ୍ତନ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିବା ସାର୍ଡିନ୍, ମାକେରେଲ୍, ଟୁନା ଏବଂ ଆଞ୍ଚୋଭି ଭଳି ବ୍ୟବସାୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମାଛମାନଙ୍କର ପ୍ରଜନନ ପ୍ରକ୍ରିୟା ଏବଂ ସ୍ଥାନାନ୍ତରଣ ପ୍ରଭାବିତ ହେଉଛି । ମାଛମାନଙ୍କର ଏହି ସ୍ଥାନାନ୍ତରଣର ସିଧାସଳଖ ପ୍ରଭାବ ଭାରତର ପଶ୍ଚିମ ଉପକୂଳରେ ବସବାସ କରୁଥିବା ପାରମ୍ପରିକ ଏବଂ କ୍ଷୁଦ୍ର ମତ୍ସ୍ୟଜୀବୀମାନଙ୍କ ଉପରେ ପଡୁଛି । ବଡ଼ ବଡ଼ ଶିଳ୍ପଭିତ୍ତିକ ଟ୍ରଲର୍ ଗୁଡ଼ିକ ଗଭୀର ସମୁଦ୍ରକୁ ଯାଇ ମାଛ ଧରିବାରେ ସକ୍ଷମ ହେଉଥିବା ବେଳେ, ପାରମ୍ପରିକ ଡଙ୍ଗା ବ୍ୟବହାର କରୁଥିବା କ୍ଷୁଦ୍ର ମତ୍ସ୍ୟଜୀବୀମାନେ ଉପକୂଳ ନିକଟରେ ମାଛ ନପାଇ ଖାଲି ହାତରେ ଫେରୁଛନ୍ତି । ଗୋଟିଏ ପଟେ ଡଙ୍ଗାର ଇନ୍ଧନ ଦର ବୃଦ୍ଧି ପାଉଥିବା ବେଳେ ଅନ୍ୟ ପଟେ ମାଛ ଧରିବାରେ ଅନିଶ୍ଚିତତା ସେମାନଙ୍କ ଅର୍ଥନୈତିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେଉଛି । ମାଛ କେବଳ ଏକ ବ୍ୟବସାୟ ନୁହେଁ, ବରଂ ଲକ୍ଷ ଲକ୍ଷ ଉପକୂଳବର୍ତ୍ତୀ ପରିବାର ପାଇଁ ଶସ୍ତା ପ୍ରୋଟିନ୍‌ର ଏକ ପ୍ରମୁଖ ଉତ୍ସ । ତେଣୁ ମାଛ ଉତ୍ପାଦନରେ କ୍ରମାଗତ ହ୍ରାସ କେବଳ ଜୀବିକା ନୁହେଁ ବରଂ ଏକ ବିରାଟ ଖାଦ୍ୟ ନିରାପତ୍ତା ସଙ୍କଟ ସୃଷ୍ଟି କରୁଛି । ସମୁଦ୍ର ଉପରେ ନିର୍ଭରଶୀଳ ଏହି ସମ୍ପ୍ରଦାୟଗୁଡ଼ିକ ପାଖରେ ଏଭଳି ଦ୍ରୁତ ପରିବେଶଗତ ପରିବର୍ତ୍ତନ ସହ ଖାପ ଖୁଆଇ ଚଳିବାର ବିକଳ୍ପ ବ୍ୟବସ୍ଥା ନାହିଁ । ସମୁଦ୍ରର ଅତ୍ୟଧିକ ଉତ୍ତାପ ଯୋଗୁଁ ସମୁଦ୍ର ପୃଷ୍ଠର ଉଚ୍ଚତା ମଧ୍ୟ ବୃଦ୍ଧି ପାଉଛି, ଯାହା ଉପକୂଳବର୍ତ୍ତୀ ଅଞ୍ଚଳରେ ମୃତ୍ତିକା କ୍ଷୟ ବା କୋଷ୍ଟାଲ୍ ଇରୋଜନ୍ ସମସ୍ୟାକୁ ଆହୁରି ଉତ୍କଟ କରୁଛି ।

ସାମ୍ପ୍ରତିକ ତଥ୍ୟ ପ୍ରମାଣ କରୁଛି ଯେ ପୃଥିବୀର ଜଳବାୟୁ ବ୍ୟବସ୍ଥାରେ, ବିଶେଷ କରି ମହାସାଗରଗୁଡ଼ିକରେ କେତେ ଦ୍ରୁତ ଗତିରେ ଅତିରିକ୍ତ ଉତ୍ତାପ ଜମା ହେଉଛି । ଆରବ ସାଗରରେ ଦେଖାଦେଉଥିବା ଏହି ପରିବର୍ତ୍ତନ ସେହି ବିଶ୍ୱବ୍ୟାପୀ ଜଳବାୟୁ ସଙ୍କଟର ଏକ ପ୍ରମୁଖ ଏବଂ ପ୍ରତ୍ୟକ୍ଷ ଅଂଶ । ବର୍ତ୍ତମାନ ଆରବ ସାଗରର ଉଷ୍ମତାକୁ କେବଳ ଏକ ପରିବେଶଗତ କିମ୍ବା ବୈଜ୍ଞାନିକ ସମସ୍ୟା ଭାବରେ ଗ୍ରହଣ କଲେ ଚଳିବ ନାହିଁ; ଏହା ବାସ୍ତବରେ ଏକ ମତ୍ସ୍ୟ ସମସ୍ୟା, ଏକ ମୌସୁମୀ ସମସ୍ୟା, ଏକ ଖାଦ୍ୟ ନିରାପତ୍ତା ସମସ୍ୟା ଏବଂ ସର୍ବୋପରି ଉପକୂଳ ଜୀବିକାର ସମସ୍ୟାରେ ପରିଣତ ହୋଇସାରିଲାଣି । ଯେଉଁ ସମୁଦ୍ର ଦିନେ ଏହି ଅଞ୍ଚଳ ପାଇଁ ଏକ ପ୍ରାକୃତିକ ସୁରକ୍ଷା କବଚ ଭଳି କାମ କରୁଥିଲା, ଆଜି ତାହା ଅତ୍ୟଧିକ ଉତ୍ତାପ ସଞ୍ଚୟ କରି ଏକ ବିସ୍ଫୋରକ ଅବସ୍ଥାରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ସରକାର, ନୀତି ନିର୍ଦ୍ଧାରକ ଏବଂ ବୈଜ୍ଞାନିକମାନେ ଏହି ବିପଦକୁ ଆଉ ଅଣଦେଖା କରିପାରିବେ ନାହିଁ । ବନ୍ୟା, ମରୁଡ଼ି କିମ୍ବା ସ୍ଥଳଭାଗର ହିଟ୍ ୱେଭ୍ ଭଳି ସାମୁଦ୍ରିକ ହିଟ୍ ୱେଭ୍ କୁ ମଧ୍ୟ ସମାନ ଗୁରୁତ୍ୱ ଦେଇ ଜାତୀୟ ବିପର୍ଯ୍ୟୟ ପରିଚାଳନା ନୀତିରେ ସାମିଲ କରିବାର ଉପଯୁକ୍ତ ସମୟ ଆସିଯାଇଛି । ଉନ୍ନତ ଜ୍ଞାନକୌଶଳ ଏବଂ ସାଟେଲାଇଟ୍ ଡାଟା ମାଧ୍ୟମରେ ସାମୁଦ୍ରିକ ହିଟ୍ ୱେଭ୍ ଏବଂ ଦ୍ରୁତ ଘନୀଭୂତ ହେଉଥିବା ବାତ୍ୟାର ସଠିକ୍ ପୂର୍ବାନୁମାନ କରିବା ଜରୁରୀ । ସର୍ବୋପରି, ବିଶ୍ୱ ସ୍ତରରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ନିୟନ୍ତ୍ରଣ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବା ନିତାନ୍ତ ଅପରିହାର୍ଯ୍ୟ । ଯଦି ଆମେ ବର୍ତ୍ତମାନ ଠାରୁ ସଚେତନ ହୋଇ ଦୃଢ଼ ପଦକ୍ଷେପ ଗ୍ରହଣ ନକରିବା, ତେବେ ଆଗାମୀ ଦିନରେ ଆରବ ସାଗରର ଏହି ନୀରବ ତଥା ଅଦୃଶ୍ୟ ଆକ୍ରମଣ ସମଗ୍ର ଦକ୍ଷିଣ ଏସିଆର ଉପକୂଳବର୍ତ୍ତୀ ଜୀବନ ଏବଂ ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ କରିଦେବ ।

# ସବୁଜ ପୃଥିବୀର ଆହ୍ୱାନ



## ଦଶରଥ ହେମ୍ବ୍ରମ୍

ସୁନ୍ଦର ପ୍ରକୃତି ଓ ସୁସ୍ଥ ପରିବେଶର ସୁରକ୍ଷା ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖ ଦିନ 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଏ। ଏଥିପାଇଁ କେଉଁଠି ରାଲି ମାଧ୍ୟମରେ ଲୋକମାନଙ୍କୁ ସଚେତନତା ସୃଷ୍ଟି କରାଯାଉଛି ତ ଆଉ କେଉଁଠି ସଭା ସମିତିର ଆୟୋଜନ କରି ପ୍ରକୃତି ଓ ପରିବେଶ ଉପରେ ଆଲୋଚନା କରାଯାଉଛି। ଖାଲି ସେତିକି ନୁହଁ, ଯେଉଁମାନେ ପ୍ରକୃତି ଓ ପରିବେଶକୁ ହତ୍ୟା କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ପ୍ରଣୟନ କରାଯାଇଛି। ଏଥିପାଇଁ ସରକାରଙ୍କର ସ୍ୱତନ୍ତ୍ର ପରିବେଶ ଓ ଜଙ୍ଗଲ ବିଭାଗ ମଧ୍ୟ ରହିଛି। କିନ୍ତୁ ଜନସାଧାରଙ୍କ ଚିନ୍ତ ଚେତନାରେ ଏହାର ବିଶେଷ କିଛି ପ୍ରଭାବ ନପଡ଼ିବାରୁ ବୋଧହୁଏ, ନିଜ ନିଜର ସ୍ୱାର୍ଥ ହାସଲ ଲକ୍ଷ୍ୟରେ ଏ ମଣିଷଜାତି ପ୍ରକୃତି ଓ ପରିବେଶର ମାନଚିତ୍ରକୁ ବିକୃତ କରିସାରିଛନ୍ତି। ଏଠି ସତ କଥା କହିବାକୁ ଗଲେ, ମଣିଷର ଏହିପରି କୁକାର୍ଯ୍ୟ ଯୋଗୁଁ ଜଙ୍ଗଲ ସମ୍ପଦ କ୍ଷୟ ହେବା ସହ ବନ୍ୟଜନ୍ତୁଙ୍କ ଜୀବନ ବର୍ତ୍ତମାନ ଘୋର ବିପଦରେ ପଡ଼ିଛି, ସେମାନଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି। କେବଳ ଏତିକି ନୁହେଁ, ଜଳବାୟୁରେ ମଧ୍ୟ ବିରାଟ ବଡ଼ ପରିବର୍ତ୍ତନ ଦେଖା ଦେଇଛି, ଯାହାଫଳରେ ବାରମାସ କାଳ ପ୍ରଚଣ୍ଡ ଉତ୍ତାପ ବୃଦ୍ଧି ପାଉଛି, ଅନିୟମିତତା ହେଉଛି ପାଣିପାଗ, ଅଦିନରେ ଘୂର୍ଣ୍ଣିଝଡ଼, ବନ୍ୟା, ମରୁଡ଼ି, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ତଥା ଦେଶରେ ଦେଖିବାକୁ ମିଳୁଛି। ସମ୍ପ୍ରତି ସମୟରେ ଏହାର ଜ୍ୱଳନ୍ତ ଉଦାହରଣ ହେଲା, ସୁପର ଏଲ-ନିନୋ, ୨୦୨୬ ଯାହା ମାନବ ସମାଜକୁ ଏବେ ଚିନ୍ତାରେ ପକାଇଛି। ତଥାପି, ଏସବୁ ଜାଣିବା ସତ୍ତ୍ୱେ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ କାହା ମଧ୍ୟରେ ତତ୍ପରତା ଦେଖିବାକୁ ମିଳୁନାହିଁ। ପ୍ରକୃତି ଓ ପରିବେଶ ପ୍ରତି ସକାରାତ୍ମକ ଜନଜାଗ୍ରତି ସୃଷ୍ଟି କରିବା ବିଶ୍ୱ ପରିବେଶ ଦିବସ ପାଳନର ଲକ୍ଷ୍ୟ। ପ୍ରତିବର୍ଷ ଏହାକୁ ପାଳନ କରିବା ପାଇଁ ୧୯୭୨ ମସିହା, ଜୁନ୍ ୫ ତାରିଖ ଦିନ ସ୍ୱିଡେନର ଷ୍ଟକହୋମ୍‌ଠାରେ ଏକ ସମ୍ମିଳନୀ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସର ଶୁଭାରମ୍ଭ କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁସାରେ ୧୯୭୩ ମସିହା, ଜୁନ ୫ ତାରିଖ ଦିନ ସ୍ୱିଜରଲ୍ୟାଣ୍ଡର ଥିବା ଜେନିଭା ସହରରେ ପ୍ରଥମ ବିଶ୍ୱ ପରିବେଶ ଦିବସ ଆନୁଷ୍ଠାନିକ ଭାବେ ପାଳିତ କରାଯାଇଥିଲା। ଏହି ପ୍ରଥମ ଦିବସର ମୂଳ ବିଷୟବସ୍ତୁ ବା ସ୍ଲୋଗାନ 'କେବଳ ଗୋଟିଏ ପୃଥିବୀ' (Only One Earth) ଥିଲା। ୧୯୭୪ରେ ଆମେରିକାର 'ସ୍ପୋକେନ୍' ସହରରେ ଏହାକୁ ଏକ ବଡ଼ ଆୟୋଜନ ସହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତି ବର୍ଷ ଜୁନ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି। ଏହା ପ୍ରକୃତି ଓ ପରିବେଶ ସଚେତନତା ଏବଂ କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ। ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ର ବିଶ୍ୱ ପରିବେଶ ଦିବସ ପାଳନ କରିବାରେ ଭାଗ ନେଇଥାଏ। ସଚେତନତା ଓ ଦାୟିତ୍ୱବୋଧ ସୃଷ୍ଟି କରିବା ସହ ରାଜନୈତିକ ଦୃଷ୍ଟି ଆକର୍ଷଣ ତଥା ଆଗାମୀ ପରିବେଶ ସୁରକ୍ଷା ଦିଗରେ ନେବାକୁ ଥିବା ବିଭିନ୍ନ ପଦକ୍ଷେପ ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରାଯାଏ। ପ୍ରକୃତି ଓ ପରିବେଶର ଯତ୍ନ ନେବାକୁ ଏହି ଦିବସ ସମସ୍ତଙ୍କୁ ବାର୍ତ୍ତା ଦେଇଥାଏ। 'ପରିବେଶ ସୁରକ୍ଷିତ ରହିଲେ ହିଁ ଆମର ଭବିଷ୍ୟତ ସୁରକ୍ଷିତ ରହିବ' - ଏହା ଆମେ ମନେ ରଖିବା ଉଚିତ।

ପ୍ରକୃତି ଓ ପରିବେଶ ହେଉଛି ଭଗବାନଙ୍କର ଏକ ଅମୂଲ୍ୟ ଦାନ। ମଣିଷଠାରୁ ଆରମ୍ଭ କରି ଯେତେସବୁ ଜୀବଜନ୍ତୁ ସମସ୍ତେ ଏହି ପ୍ରକୃତି କୋଳରେ ବଢ଼ିଥିବା ବେଳେ ପରିବେଶ ହେଉଛି ସେମାନଙ୍କ ଜୀବନର ମୂଳ ଆଧାର। ସମସ୍ତେ ଜାଣିଛନ୍ତି, ପରିବେଶ ଓ ପ୍ରକୃତି ବିନା ଜୀବନ ଅସମ୍ଭବ। ତଥାପି, ଏସବୁ ଜାଣିବା ସତ୍ତ୍ୱେ ବି ସ୍ୱାର୍ଥପର ମଣିଷଟିଏ ଅବୁଝା ହୋଇ ପ୍ରକୃତି ଓ ପରିବେଶକୁ ଧ୍ୱଂସ କରୁଛି। ଫଳରେ, ପରିବେଶ ହେଉଛି ପ୍ରଦୂଷିତ ଓ ତାପମାତ୍ରା ବୃଦ୍ଧି ପାଉଛି। ଏଥିପାଇଁ ଆଜି ସମଗ୍ର ବିଶ୍ୱ ଚିନ୍ତିତ। ତେବେ ଏସବୁଥିର ସମାଧାନ କେବଳ ମଣିଷ ଚାହିଁଲେ କରିପାରିବ ବୋଲି ଆଶା କରାଯାଏ। ସେ ହିଁ ସୃଷ୍ଟି କରିପାରିବ ପୁଣି ଥରେ ସୁନ୍ଦର ପ୍ରକୃତି ଓ ସୁସ୍ଥ ପରିବେଶ। ଅର୍ଥାତ, ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ହେବ। ଗୋଟିଏ ଗଛ କାଟିଲେ ତା' ବଦଳରେ ପାଞ୍ଚଟି ଗଛ ଲଗାଇବା ଉଚିତ। ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ କପଡ଼ା ବା ଝୋଟ ବ୍ୟାଗ୍ ବ୍ୟବହାର କରିବା ଜରୁରୀ। ଏଥିପ୍ରତି ଆମକୁ ଜାଗ୍ରତ ହେବାକୁ ପଡ଼ିବ। ଭବିଷ୍ୟତ ପିଢ଼ିଙ୍କ ପାଇଁ ଆମକୁ ଏକ ଉନ୍ନତ ପରିବେଶ ସୃଷ୍ଟି କରିବାକୁ ପଡ଼ିବ। କେବଳ ସରକାରୀ ନିୟମ ଦ୍ୱାରା ନୁହେଁ, ବରଂ ପ୍ରତ୍ୟେକ ନାଗରିକ ସଚେତନ ହେଲେ ହିଁ ଆମ ପ୍ରକୃତି ସବୁଜ ସୁନ୍ଦର ଓ ସୁରକ୍ଷିତ ହୋଇ ରହିପାରିବ। ବିଶ୍ୱ ପରିବେଶ ଦିବସ ପାଳନ ନୁହେଁ ବରଂ ପ୍ରତିଦିନ ଆମେ ପରିବେଶର ସୁରକ୍ଷା ପ୍ରତି ଯତ୍ନବାନ ହେଲେ ଯାଇ ଆମେ ବଂଚିବାର ପ୍ରକୃତ ରାହା ଖୋଜି ପାଇପାରିବା। ତେଣୁ ଯନ୍ତ୍ର ମାୟା ଜାଲରୁ ଦୂରେଇ ପ୍ରକୃତିର ପୂଜକ ସାଜିଲେ ସବୁଜ ପୃଥିବୀ ଗଢ଼ିବାରେ ଅଧିକ ସମୟ ଲାଗିବ ନାହିଁ।

+ ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# 'ଶରଧାବାଲି'ର ସୁନା ରେଣୁ ଦେଇଥାଏ ମୋକ୍ଷ



## ଅଲେଖ ଚନ୍ଦ୍ର ସାମଲ

ମହାପ୍ରଭୁ ହେଉଛନ୍ତି ଦାରୁବ୍ରହ୍ମ, ନିର୍ଗୁଣ, ନିରାକାର, ନିର୍ବିକଳ୍ପ, ନିର୍ବିଶେଷରେ ନିରୀହ ହେଲେ ମଧ୍ୟ ସ୍ଥୂଳବିଶେଷରେ ସଗୁଣ, ସାକାର, ସବିକଳ୍ପ ରୂପେ ପ୍ରଯୁଜ୍ୟ ଅଟନ୍ତି। ଏ ସବୁ ଆଶ୍ଚର୍ଯ୍ୟ ମଧ୍ୟରେ ରହସ୍ୟମୟ ହେଉଛି ଜଗନ୍ନାଥଙ୍କର ଶ୍ୱେତପଦ୍ମ ପରି ବିଲକ୍ଷଣ ଆୟତ ଡୋଳାର ମଧୁର ଆକର୍ଷଣ। ସତେଯେପରି ମହାପ୍ରଭୁ ଅପଲକ ନେତ୍ରସୁଧା ଢ଼ାଳି ବିଶାଳ ଚକାଡ଼ୋଳାକୁ ବିସ୍ତାର ପୂର୍ବକ ଅପେକ୍ଷା କରିଛନ୍ତି ମାୟାକ୍ଲିଷ୍ଟ ମାୟିକ ମଣିଷକୁ ନିଜର ଆପଣପଣରେ ଆପଣେଇ ନେବା ପାଇଁ ସେ ଅନ୍ତର୍ଭେଦୀ ବିକଚ ସରୋଜନୟନ ସହିତ ଯେ ନିଜର ଚର୍ମ ନୟନକୁ ମିଶେଇ ଦେଇପାରିଛି ସେ ହିଁ ବୁଝିପାରିଛି ଜୀବନର ସାରସତ୍ତାକୁ ଓ ରାଧାସରସ ରସଧାରାକୁ। ସେଥିପାଇଁ ତ ଭକ୍ତ ଠାରୁ ଆରମ୍ଭ କରି କବି, କଥାକର, ଗବେଷକ ପର୍ଯ୍ୟନ୍ତ କେତେ ନାମରେ ନାମିତ କରିଛନ୍ତି ଜଗନ୍ନାଥ ମହାପ୍ରଭୁଙ୍କୁ।

'ଶରଧାବାଲି'ରେ ମହାପ୍ରଭୁଙ୍କ ରଥ ଅଟକେ। ସେଇ ବାଲିରେ ମହାପ୍ରଭୁ ପହଣ୍ଡି ବିଜେ ହୋଇ ରଥାରୁଢ଼ ପରେ ବାହୁଡ଼ାରେ ଶ୍ରୀମନ୍ଦିର ଫେରନ୍ତି। ପଞ୍ଚସଖାଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦ ଦାସ ଶରଧା ବାଲିର ରେଣୁକୁ ସୁବର୍ଣ୍ଣ ରେଣୁ ସହ ତୁଳନା କରିଛନ୍ତି। ଏହି 'ଶରଧା ବାଲି' ନାମକରଣ ପଛର ଭିନ୍ନ ଭିନ୍ନ କିମ୍ବଦନ୍ତୀ ଓ ଇତିହାସ ରହିଛି। ପୌରାଣିକ ମତାନୁସାରେ ଶ୍ରୀମନ୍ଦିର ପ୍ରତିଷ୍ଠା ସରିବା ପରେ ବରଂବ୍ରହ୍ମ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ବର ମାଗିବାକୁକହିଲେ। ତାଙ୍କ ବଂଶରେ କେହି ନରୁହନ୍ତୁ ବୋଲି ଇନ୍ଦ୍ରଦ୍ୟୁମ୍ନ ବର ମାଗିଥିଲେ କାଳେ ଭବିଷ୍ୟତରେ ତାଙ୍କ ବଂଶଜ ଉକ୍ତ ମନ୍ଦିର ତାଙ୍କ ପରିବାରର ବୋଲି ଦାବି କରିବେ। ସେ ନେଇ ଏପରି ବର ମାଗି ରାଜା ଇନ୍ଦ୍ରଦ୍ୟୁମ୍ନ ମହାନତାର ପ୍ରମାଣ ଦେଲେ। ରାଣୀ ଗୁଣ୍ଡିଚା ଦେବୀ ମହାପ୍ରଭୁଙ୍କୁ ନବଦିନବ୍ୟାପୀ ଗୁଣ୍ଡିଚା ଯାତ୍ରାରେ ଯିବା ପାଇଁ ବର ମାଗିଲେ। ଶେଷରେ ଇନ୍ଦ୍ରଦ୍ୟୁମ୍ନଙ୍କ ମା' ଶ୍ରଦ୍ଧାଦେବୀଙ୍କ ପାଳିଥିଲା। ମାତ୍ର ସେ କିଛି ମାଗି ନଥଲେ। ପରଂ ବ୍ରହ୍ମ ଶ୍ରଦ୍ଧାଦେବୀଙ୍କ ଭକ୍ତିର ପ୍ରୀତ ହୋଇ କହିଲେ ମାଳିନୀ ନଦୀ ଠାରୁ ଗୁଣ୍ଡିଚା ମନ୍ଦିର ଯାଏଁ ସବୁ ବାଲି ତୁମ ନାମରେ ନାମିତ କରୁଛି। ଆଜିଠାରୁ ଏହି ବାଲି ଶ୍ରଦ୍ଧାବାଲି ଭାବେ ବିବେଚିତ ହେବ। ଲୋକ ମୁଖରେ ଏବେ ଏହା ଶରଧା ବାଲି ଭାବେ ପରିଚିତ। ପୁଣି କୁହାଯାଏ ଶରଧା ନଦୀରୁ ଏହି ଶରଧାବାଲିର ନାମକରଣ ହୋଇଛି। ତେବେ ନିତ୍ୟାନନ୍ଦ ପଣ୍ଡାଙ୍କ 'ଶରଧାବାଲିର ଐତିହ୍ୟ'ରେ ଭିନ୍ନ କଥା ଉଲ୍ଲେଖ ରହିଛି। ବୀର ନରସିଂହଦେବ ଓରଫ ପ୍ରଥମ ଭାନୁଦେବ ୧୨୭୦ ଖ୍ରୀଷ୍ଟାବ୍ଦରେ ନରସିଂହ ଦେବଙ୍କ ରାଣୀ ଶ୍ରଦ୍ଧା ଦେବୀଙ୍କ କଥା ରକ୍ଷା କରି ନଦୀରେ ଅଠର ନଳା ବସାଇ ଏକ ସେତୁ ନିର୍ମାଣ କରିଥିଲେ। ଶ୍ରଦ୍ଧା ଦେବୀଙ୍କନାମରେ ଶରଧା ବାଲି ନାମିତ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଶ୍ରୀକ୍ଷେତ୍ରର ସାଂସ୍କୃତିକ ଐତିହ୍ୟରେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଆଲେଖ୍ୟ ମୁତାବକ, ଶରଧା ନଦୀରୁ ଶରଧାବାଲି ହୋଇଥାଉ ଅବା ରାଣୀ ଶ୍ରଦ୍ଧା ଦେବୀଙ୍କ ନାମାନୁସାରେ ନାମକରଣ ହୋଇଥାଉ, କିନ୍ତୁ ଏହା ଶରଧାବାଲିର ମୂଲ୍ୟବୋଧକୁ ଉଦଘୋଷଣା କରି ଭକ୍ତଙ୍କ ଶ୍ରଦ୍ଧା ଭାଜନ ହୋଇପାରିଛି। ସଂପ୍ରତି କେବଳ ଗୁଣ୍ଡିଚା ଘର ନାକଚଣା ଦ୍ୱାର ପାଖରେ ଆନୁମାନିକ ୨୫ ଡେସିମିଲ ଜାଗାକୁ ବାଲି ଦ୍ୱାରା ଆବରଣ କରି ରଖାଯାଇଥିବାରୁ 'ଶରଧାବାଲି'ର ଐତିହ୍ୟ ରୂପ ଶୋଭା ପାଉଛି।

ଶରଧା ବାଲିରୁ ମୁଠାଏ ପାଇବା ପାଇଁ ଭକ୍ତଜନଙ୍କର ବଡ଼ ଆଶା ଥାଏ। ଶରଧା ବାଲି ମଣିଷର ଜୀବନ ଚେତନାକୁ ଆନନ୍ଦମୟ କରିଥାଏ ଓ ବ୍ରହ୍ମଚୈତନ୍ୟ ଦିଗକୁ ନେଇଥାଏ। ଶରଧା ବାଲି ହେଉଛି ଶରଧାର ବାଲି ଯେଉଁଠି ପାର୍ଥିବ କାମନା, ମମତା, ଆସକ୍ତି ସବୁ କିଛି ଦୂରେଇ ଭଗବତ ପ୍ରାପ୍ତି, ମହାପ୍ରଭୁଙ୍କୁ ପାଇବା ପାଇଁ ଆତ୍ମସାକ୍ଷାତକାର ପାଇଁ ପଥ ମିଳିଥାଏ, ପ୍ରେରଣା ମିଳିଥାଏ ସେଇଠି ଏହି ଚେତନା ଉପଲବ୍ଧ ହୋଇଥାଏ ଯେ ଭଗବତ ଦର୍ଶନ ବା ପ୍ରାପ୍ତି ହେଲେ ମନୁଷ୍ୟକୁ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ମିଳିଥାଏ ଅର୍ଥାତ୍ ମୋକ୍ଷ ପ୍ରାପ୍ତ ହୋଇଥାଏ।

+ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

# ଆପଣାର ଭାବ, ଜୀବନ ଧର୍ମ



## ହେମନ୍ତ କୁମାର ପରିଡ଼ା

ଅବତାର ପୁରୁଷ କୌଣସି କର୍ମ ବନ୍ଧନ ଦ୍ୱାରା ଆବଦ୍ଧ ନୁହନ୍ତି। ଯୋଗୀ ଏବଂ ସାଧକଙ୍କ ଅଭିଳାଷ ପୂରଣ କରିବାପାଇଁ ନିରାକାର ଭଗବାନ ସାକାର ହୋଇ ମନୁଷ୍ୟ ରୂପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି। ତାଙ୍କର ଜୀବନ ପ୍ରେମପୂର୍ଣ୍ଣ ଏବଂ ସେ ସମସ୍ତ ଦିବ୍ୟଗୁଣରେ ଦିବ୍ୟାୟିତ ହୋଇଥାନ୍ତି। ଯେଉଁ ସାଧକମାନେ ସାରା ଜୀବନ ଧର୍ମ ପଥରେ ଦୃଢ଼ ରହି ଅସତ କାର୍ଯ୍ୟରୁ ଦୂରରେ ଥାନ୍ତି, ସେମାନଙ୍କୁ ଆନନ୍ଦ ଓ ଶାନ୍ତି ପ୍ରଦାନ କରିବାକୁ ଅବତାର ପୁରୁଷମାନେ ଜନ୍ମ ନିଅନ୍ତି।

ଆମ୍ଭ ମାନଙ୍କର ଜାଣିବା ଭିତରେ ଯେତେ ଧର୍ମ ଓ ବିଭିନ୍ନ ବିଶ୍ୱାସ ମାର୍ଗ ଅଛି ସେ ସମସ୍ତ ପରସ୍ପରର ଆପଣାର ଭାବି ସେମାନଙ୍କୁ ସ୍ୱାଗତ କରିବା ଓ ବିଶ୍ୱାସ ରଖିବା ହିଁ ଜୀବନ ଧର୍ମ। ଯେତେ ଧର୍ମ, ପଥ ବା ତତ୍ତ୍ୱ ରହିଛି ସେଗୁଡ଼ିକ ଆମ ମାନଙ୍କୁ ପବିତ୍ର ମାର୍ଗ ଦେଖାଇବାକୁ ଉଦ୍ଦିଷ୍ଟ। ସତକର୍ମ ଦ୍ୱାରା ମନକୁ ନିର୍ମଳ ରଖି ସେହି ଏକମାତ୍ର ଆଲୋକ ପାଇଁ ବ୍ୟାକୁଳିତ ହେବା। ବେଦାନ୍ତ ଅନ୍ତର୍ଗତ ସନାତନ ଧର୍ମ ସବୁ ଧର୍ମାବଲମ୍ବୀ ମାନଙ୍କ ପରିପୋଷକ।

ସେହି ଧର୍ମ ଭଗବାନଙ୍କ ନିକଟରେ ପହଞ୍ଚିବାର ସବୁ ରାସ୍ତା ଗୁଡ଼ିକ ବିଷୟ ଜାଣେ। କେଉଁ ଲୋକପାଇଁ ତାହାର ଯୋଗ୍ୟତା ଏବଂ କ୍ଷମତା ଅନୁସାରେ କେଉଁ ରାସ୍ତାଟି ଉପଯୋଗୀ ତାହା ନିଶ୍ଚିତ ହୋଇଛି। ଯଦି ବିଭିନ୍ନ ମତାବଲମ୍ବୀ ମାନଙ୍କ ମଧ୍ୟରେ କିଛି ମନାନ୍ତର ଥାଏ, ତାହା ସେମାନଙ୍କ ପାରିବାରିକ ଅବୁଝାବଣା। ପୈତୃତକ ସମ୍ପତ୍ତି ଏକ ଏବଂ ଆମେ ସମସ୍ତେ ତହିଁର ଭାଗୀଦାର ହୋଇଥାଉ। ଏହିଠି ହିଁ ଆମେ ସଂସାରର ମାୟାଚକ୍ରରେ ପଡ଼ି ଯାଇ ଏକ ପ୍ରକାର ଉବୁଟୁବୁ ହେଉଥାଉ।

ରାମ ଓ କୃଷ୍ଣ ଅବତାରରେ ଭଗବାନ ଧର୍ମ ପଥରେ କଣ୍ଟକ ସ୍ୱରୂପ ଦୁଷ୍ଟ ପ୍ରକୃତିର ଏକ ବା ଏକାଧିକ ଲୋକଙ୍କୁ ନିପାତ କରି ଧର୍ମ ସଂସ୍ଥାପନ କରିଥିଲେ। ଏ ଯୁଗରେ ପୁରା ସାଧୁ ପ୍ରକୃତିର ଲୋକ କେହି ନଥିବାରୁ ଭଗବାନ କାହାର ସଂରକ୍ଷଣ କରିବେ ? ପ୍ରତ୍ୟେକଙ୍କ ଠାରେ କିଛି ନା କିଛି ଦୁଷ୍ପ୍ରବୃତ୍ତି ଥିବାରୁ ଅବତାରୀ ନିଧନ କରିବାକୁ ବସିଲେ କିଏ ବର୍ତ୍ତି ପାରିବ ? ତେଣୁ ସତ୍ୟସାଇ ବାବା କହନ୍ତି 'ସେ ବୁଦ୍ଧିର ସଂଶୋଧନ କରିବାକୁ ଜନ୍ମ ନେଇଛନ୍ତି। ସେ ବନ୍ଧୁ ଭଳି ଉପଦେଶ, ଭର୍ତ୍ସନା, ସାହାଯ୍ୟ, ଆଦେଶ ମାଧ୍ୟମରେ ପାଖରେ ଠିଆ ହୋଇ ବାଟ ଦେଖାଉଛନ୍ତି, ଯାହା ମାନବ ମଧ୍ୟରୁ ମନ୍ଦଗୁଣ ଗୁଡ଼ିକ ବହିଷ୍କାର କରିବାରେ ସାହାଯ୍ୟ କରିବ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସାହାଯ୍ୟ କରିବ। ସଦାଚାରପୂର୍ଣ୍ଣ ଜୀବନ ଦ୍ୱାରା ଆଧ୍ୟାତ୍ମିକ ପ୍ରଗତିକୁ ଆଗେଇ ନେବା ସହ ସବୁବେଳେ ନିଷ୍କପଟ ଭାବେ ଭଗବାନଙ୍କ ଠାରେ ସମର୍ପଣ ଭିତ୍ତିକ ପ୍ରାର୍ଥନା ହିଁ କରିଚାଲୁଥିବା।

ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି। ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ। ଏଥିରୁ ଅବତାରଙ୍କର ପାଞ୍ଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର - ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ। ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା - କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧ୍ୟମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ। ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ। ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ। ଭଗବାନଙ୍କ ଭାଷାରେ 'ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର ପ୍ରେମ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ। ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ 'ସ୍ରଷ୍ଟା'। ତାଙ୍କରି ଭାଷାରେ - 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ,ମାଳତୀକୁଞ୍ଜ, ପ୍ଲଟ
ନଂ.୫୨୬/ଡ଼ି, ସେକ୍ଟର-୧୦,
ସିଡିଏ, କଟକ,
ମୋ : ୮୭୬୩୧୦୭୧୨୬




# ବାଇ ଚଢେଇ



## କୁମାର ଭାର୍ଜନ

ସହରର କଂକ୍ରିଟ ଜଙ୍ଗଲ ଭିତରେ
ଯେତେବେଳେ ଗଛମାନେ ହରାଉଛନ୍ତି
ନିଜ ଠିକଣା,
ସେତେବେଳେ ବାଇ ଚଢେଇଟି
ଘାସର ସୂତାରେ ଲେଖୁଛି
ବଞ୍ଚିବାର ଏକ ନୂଆ ସଂଜ୍ଞା।

ତା'ର ଛୋଟ ଅଣ୍ଟରେ
ନାହିଁ କୌଣସି ଅହଙ୍କାରର ଭାଷା,
ଅଛି କେବଳ ସୃଷ୍ଟିର ସ୍ୱପ୍ନ—
ଯେଉଁ ସ୍ୱପ୍ନ ଝୁଲି ରହେ
ଖଜୁରୀ ଗଛର ଉଚ୍ଚ ଡାଳରେ।
ବାତ୍ୟା ଆସେ,
ବର୍ଷା ଆସେ,
ଝଡ଼ ଆସି ଦୋହଲାଇ ଦିଏ ତା'ର ନୀଡ଼,
ହେଲେ ବାଇ ଚଢେଇ
ହାର ମାନିବା ଶିଖିନାହିଁ କେବେ।

ପ୍ରତ୍ୟେକ ତନ୍ତୁରେ ସେ ବୁଣିଥାଏ
ଆଶାର ଏକ ନୂଆ ଅଧ୍ୟାୟ,
ଯେପରି ଜୀବନର ପ୍ରତ୍ୟେକ
ବିଫଳତା ପରେ
ମଣିଷ ଖୋଜି ନିଏ
ପୁଣିଥରେ ଆଗକୁ ଚାଲିବାର ପଥ।
ବାଇ ଚଢେଇ,
ତୁମେ କେବଳ ଏକ ପକ୍ଷୀ ନୁହଁ,
ସେ ଶ୍ରମର ଏକ ଜୀବନ୍ତ କବିତା,
ଧୈର୍ଯ୍ୟର ଏକ ଉଜ୍ଜ୍ୱଳ ପ୍ରତୀକ,
ଆଉ ପ୍ରକୃତିର ସବୁଜ ପୃଷ୍ଠାରେ
ଲେଖା ଏକ ଅନନ୍ତ ପ୍ରେରଣା।

ତୁମ ଝୁଲନ୍ତା ନୀଡ଼କୁ ଦେଖି
ଆଜି ବି ଲାଗେ—
ସୁଖର ଘର ଇଟା ଓ ସିମେଣ୍ଟରେ ନୁହେଁ,
ଗଢ଼ାଯାଏ ପରିଶ୍ରମ, ପ୍ରେମ
ଓ ଅଦମ୍ୟ ବିଶ୍ୱାସର ।

+ ଅଖଟଖଟିଆ, ବୌଦ୍ଧ
ମୋ: ୯୪୩୭୫୮୬୫୩୨

# ଆଲୋ ବରଷା ରାଣୀ

## ଜିତେନ୍ଦ୍ର ଚନ୍ଦ୍ର ସାହୁ



'ଆଲୋ ବରଷା ରାଣୀ'
ଗିରିଷମ ତାତି ସହି ହେଉନାହିଁ
ସହି ହେଉ ନାହିଁ ଖରା
ଆଲୋ ବରଷା ରାଣି ତୁ ସଅଳ
ଶୀତଳ ହେଉ ଏ ଧରା ।
ବେଙ୍ଗ ବେଙ୍ଗୁଲୀ ହୋଇଲେଣି ସଜ
ପାଣି କୂଳେ ଦେବେ ରଡ଼ି
ନାଲି ପାଟ ପିନ୍ଧି ସାଧବ ବୋହୂଟି
ହେଲାଣି ସିଏ ସଜାଡ଼ି ।
ଚାତକ ପକ୍ଷୀର ଶୁଖିଲାଣି ଗଳା
ଚାହିଁ ଚାହିଁ ବାଟ ତୋର
ସଅଳ ସଅଳ ଆସିଲେ ଧରାକୁ
ଖୁସି ସବୁ ଜୀବଙ୍କର ।
ନୁଖୁରା ମାଟିରେ ଫୁଟାଇବ ହସ
ଚାଷୀ ଭାଇ ତରତର
ଅକ୍ଷି ମୁଠି ପର୍ବ ପାଳନ ସରିଛି
ଅପେକ୍ଷା ଖାଲି ତୁମର ।
ଆକାଶେ ବଉଦ ହୋଇଲେଣି ମେଳ
ଆସିବ ବରଷା ରାଣୀ
ବିଜୁଳି ହସିବ ଚମକ ଦେଖାଇ
ଘଡ଼ଘଡ଼ିର ରୋଶଣି ।
ବଡ଼ ଦାଣ୍ଡେ ଠିଆ ହୋଇଲାଣି ରଥ
ଲୀଳା ପାଇଁ ପ୍ରଭୁଙ୍କର
ବରଷା ରାଣୀତୁ ସଅଳ ଆସିଲେ
ସୁଖ ହେବ ଜଗତର ।

+ ବସୋଇ,ପର୍ଜଙ୍ଗ,ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦

# ଯୌନ ନିର୍ଯାତନା ଅଭିଯୋଗ ମିଛ ଥିଲା !



ଲୋକପ୍ରିୟ ଧାରାବାହିକ 'ଭାବୀଜୀ ଘର ପର ହେଁ'ରେ 'ଅଙ୍ଗୁରୀ ଭାବୀ' ଚରିତ୍ର ଲାଗି ଅଭିନେତ୍ରୀ ଶିଳ୍ପା ଶିନ୍ଦେ ଘରେ ଘରେ ସୁପରିଚିତ। ତେବେ ୨୦୧୬ରେ ହଠାତ୍ ସେହି ଧାରାବାହିକର ନିର୍ମାତାଙ୍କ ସହିତ ତାଙ୍କର ବିବାଦ ଆରମ୍ଭ ହୋଇଯାଇଥିଲା। ସେ ଉକ୍ତ କାର୍ଯ୍ୟକ୍ରମ ଛାଡ଼ିବା ସହିତ ପ୍ରଯୋଜକ ସଞ୍ଜୟ କୋହଲିଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ। ପ୍ରଯୋଜକ ମଧ୍ୟ ପାଲଟା ଅଭିଯୋଗ କରିଥିଲେ ଯେ ଶିଳ୍ପା ଅଣପେସାଦାର ଆଚରଣ ପ୍ରଦର୍ଶନ କରୁଥିଲେ। ତେବେ ଏ ଘଟଣାର ଏକ ଦଶନ୍ଧି ପରେ ଅଭିନେତ୍ରୀ ଶିଳ୍ପାଙ୍କର ଏକ ସ୍ୱୀକାରୋକ୍ତି ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ବାସ୍ତବରେ ଶିଳ୍ପା ସେବେ ସଞ୍ଜୟଙ୍କ ନାମରେ ଯେଉଁ ସାଂଘାତିକ ଅଭିଯୋଗ କରିଥିଲେ ତାହା ମିଛ ଥିଲା ବୋଲି ସେ ଏକ ପଡ୍‌କାଷ୍ଟରେ କହିଛନ୍ତି। ସେ ନିଜର ଦୋଷ ସ୍ୱୀକାର କରି କହିଛନ୍ତି ଯେ ସେତେବେଳେ ତାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା। ତାଙ୍କୁ ତାଙ୍କର ପାରିତୋଷିକ ନ ମିଳିବା ଯୋଗୁଁ ସେ ପୁଲିସ ପାଖରେ ଅଭିଯୋଗ ଦାଖଲ କରିବାକୁ ଯାଇଥିଲେ। ତେବେ ପୁଲିସ କହିଲା ଯେ ଏତଲା ଦାଖଲ ଲାଗି କୌଣସି ସାଂଘାତିକ ଅଭିଯୋଗ କରିବାକୁ ହେବ। ତେଣୁ ଉକ୍ତ ଜଟିଳ ସ୍ଥିତିରୁ ମୁକୁଳିବା ପାଇଁ ସେ ମିଛରେ ପ୍ରଯୋଜକଙ୍କ ନାମରେ ଯୌନ ନିର୍ଯାତନା ଅଭିଯୋଗ କଲେ। ଶେଷରେ ଉଭୟ ପକ୍ଷ ସହମତି ଭିତ୍ତିରେ ମାମଲାକୁ ରଫାଦଫା କରିଥିଲେ। ଘଟଣାର ପ୍ରାୟ ଏକ ଦଶନ୍ଧି ପରେ ସେ 'ଭାବୀଜୀ ଘର ପର ହେଁ' କାର୍ଯ୍ୟକ୍ରମକୁ ଫେରିଥିଲେ। ଏବେ 'ଭାବୀଜୀ' ଟିମ୍ ସହିତ ତାଙ୍କର ଭଲ ସମ୍ପର୍କ ଅଛି ବୋଲି ଶିଳ୍ପା କହିଛନ୍ତି।

# ଜୁଲାଇ ୫ରେ ଗୌରୀଙ୍କୁ ବିବାହ କରିବେ ଆମୀର ଖାନ !



ବଲିଉଡ୍ ସୁପରଷ୍ଟାର ଆମୀର ଖାନ ପୁଣି ଥରେ ବିବାହ କରିବାକୁ ଯାଉଛନ୍ତି। ଇଣ୍ଡିଆ ଫୋରମ୍‌ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଅଭିନେତା ଜୁଲାଇ ୫ରେ ନିଜର ଗାର୍ଲଫ୍ରେଣ୍ଡ ଗୌରୀ ସ୍ପ୍ରାଟଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବାକୁ ପ୍ରସ୍ତୁତ ହେଉଛନ୍ତି। ଯଦିଓ ଆମୀର କିମ୍ବା ଗୌରୀ ଆନୁଷ୍ଠାନିକ ଭାବରେ ବିବାହ ଯୋଜନାକୁ ନିଶ୍ଚିତ କରିନାହାନ୍ତି, ରିପୋର୍ଟରୁ ଜଣାପଡିଛି ଯେ ଏହି ଦମ୍ପତି ଗତ ବର୍ଷ ସେମାନଙ୍କ ସମ୍ପର୍କକୁ ସାର୍ବଜନୀନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛନ୍ତି। ଯଦି ଏହି ଖବର ସତ ହୁଏ, ତେବେ ଏହା ଆମୀର ଖାନଙ୍କ ତୃତୀୟ ବିବାହ ହେବ। ମାର୍ଚ୍ଚ ୨୦୨୫ରେ ୬୦ ତମ ଜନ୍ମଦିନ ପାଳନ ସମୟରେ ଆମୀର ପ୍ରଥମେ ଗୌରୀ ସ୍ପ୍ରାଟଙ୍କୁ ଗଣମାଧ୍ୟମ ସହ ପରିଚିତ କରାଇଥିଲେ ଏବଂ ଆନୁଷ୍ଠାନିକ ଭାବେ ନିଶ୍ଚିତ କରିଥିଲେ ଯେ ସେମାନେ ଏକ ସମ୍ପର୍କରେ ଅଛନ୍ତି। ସେହି ସମୟରେ, ଅଭିନେତା ପ୍ରକାଶ କରିଥିଲେ ଯେ ସେ ଓ ଗୌରୀ ପ୍ରାୟ ୨୫ ବର୍ଷ ଧରି ପରସ୍ପରକୁ ଜାଣିଥିଲେ। ସମ୍ପର୍କକୁ ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେବା ପୂର୍ବରୁ ସେମାନେ ପ୍ରାୟ ୧୮ ମାସ ଧରି ଡେଟିଂ କରୁଥିଲେ। ବଲିଉଡର ବଡ ତାରକା ହେବାର ବହୁ ପୂର୍ବରୁ ଆମୀର ୧୯୮୬ରେ ରୀନା ଦତ୍ତଙ୍କୁ ବିବାହ କରିଥିଲେ। ୨୦୦୨ରେ ଅଲଗା ହେବା ପୂର୍ବରୁ ଏହି ଦମ୍ପତି ପ୍ରାୟ ୧୬ ବର୍ଷ ଏକାଠି ରହିଥିଲେ। ବିବାହ ସମୟରେ ସେମାନେ ପୁଅ ଜୁନେଦ ଖାନ ଓ ଝିଅ ଇରା ଖାନଙ୍କୁ ଜନ୍ମ ଦେଇଥିଲେ। ଛାଡପତ୍ର ସତ୍ତ୍ୱେ ଆମୀର ଓ ରୀନା ବର୍ଷ ବର୍ଷ ଧରି ଏକ ଆନ୍ତରିକ ସମ୍ପର୍କ ବଜାୟ ରଖିଛନ୍ତି। ଆମୀର ନିର୍ଦ୍ଦେଶିକା କିରଣ ରାଓଙ୍କୁ ଓସ୍କାର ମନୋନୀତ ଚଳଚ୍ଚିତ୍ର 'ଲଗାନ' ନିର୍ମାଣ ସମୟରେ ଭେଟିଥିଲେ। କିରଣ ଏହି ପ୍ରକଳ୍ପରେ ସହକାରୀ ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରିଥିଲେ ଏବଂ ଶେଷରେ ଡିସେମ୍ବର ୨୦୦୫ରେ ଦୁହେଁ ବିବାହ କରିଥିଲେ। ଏହି ଦମ୍ପତି ୨୦୧୧ରେ ସରୋଗେସି ମାଧ୍ୟମରେ ପୁଅ ଆଜାଦ ରାଓ ଖାନଙ୍କୁ ସ୍ୱାଗତ କରିଥିଲେ। ବିବାହର ପ୍ରାୟ ୧୬ ବର୍ଷ ପରେ, ଆମୀର ଓ କିରଣ ୨୦୨୧ରେ ଅଲଗା ହେବାର ଘୋଷଣା କରିଥିଲେ। ତଥାପି, ସେମାନେ କ୍ରମାଗତ ଭାବରେ ସମ୍ପର୍କ ବଜାୟ ରଖିଛନ୍ତି।



# ତାପସୀଙ୍କ ମୋହଭଙ୍ଗ

ଅଭିନେତ୍ରୀ ତାପସୀ ପନ୍ନୁ ନିଖୁଣ ସୌନ୍ଦର୍ଯ୍ୟ ହାସଲ ଚାପରେ ପଡ଼ି ଅତୀତରେ ନିଜକୁ ବହୁତ କଷ୍ଟ ଦେଇଛନ୍ତି ବୋଲି ନିକଟରେ ସ୍ୱୀକାର କରିଛନ୍ତି। ଏହା ଏକ ସାଧାରଣ କଥା ଯେ କ୍ଷୀଣକଟୀ ମହିଳାମାନଙ୍କୁ ମନୋରଂଜନ ଶିଳ୍ପରେ ଆଦର୍ଶ ଭାବେ ଦେଖାଯାଇଥାଏ। ସେମାନଙ୍କୁ ଅଧିକ ଗୁରୁତ୍ୱ ଓ କାମ ମଧ୍ୟ ମିଳେ। ତେଣୁ ତାପସୀ ମଧ୍ୟ ଏକଦା ନିଜ ଉଦରରୁ ସବୁତକ ଚର୍ବି ତରଳାଇ ସମତଳ ପେଟ ହାସଲ କରିବା ପାଇଁ ନିଜକୁ ବହୁ କଟକଣା ମଧ୍ୟରେ ରଖିଥିଲେ। ସେ ପ୍ରକାଶ କରିଛନ୍ତି ଯେ ଛୋଟ ବେଳୁ ସମତଳ ଉଦର ପ୍ରତି ତାଙ୍କର ଅହେତୁକ ମୋହ ଥିଲା। ଏହାର କାରଣ ହେଲା ସେ ଲକ୍ଷ୍ୟ କରିଥିଲେ ଯେ ସର୍ବଦା ଫିଟ୍ ଥିବା ସତ୍ତ୍ୱେ ତାଙ୍କ ପେଟର ଚର୍ବି ଆସ୍ତରଣ ବଜାୟ ରହୁଥିଲା। ଏହାକୁ ଦୂର କରିବା ପାଇଁ ସେ ଅତିରିକ୍ତ ବ୍ୟାୟାମ କରିବାକୁ ଲାଗିଲେ। ତେବେ କ୍ଷୀଣକଟୀ ରୂପକୁ ବଜାୟ ରଖିବା ପ୍ରକ୍ରିୟାରେ ସେ ଅନେକ କାଳ ଧରି ନିଜ ଶରୀର ଉପରେ ଏକପ୍ରକାର ଅତ୍ୟାଚାର କରିଥିଲେ। ପରେ ସେ ଜାଣିଲେ ଯେ କ୍ଷୀଣକଟୀ ହେବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ, କାରଣ ମହିଳାଙ୍କ ଶରୀରରେ ହର୍ମୋନ୍ ସ୍ତର ନିୟମିତ ବଦଳିଥାଏ। ପୁଣି ପୁଷ୍ଟି ବିଶେଷଜ୍ଞ ତାଙ୍କୁ କହିଲେ ଯେ ପେଟରେ ଅଳ୍ପ ଚର୍ବି ରହିବା ଅତ୍ୟାବଶ୍ୟକ କାରଣ ପେଟ ଭିତରେ ଥିବା ପ୍ରଜନନ ବ୍ୟବସ୍ଥା ପାଇଁ ଜରୁରୀ ଜଳୀୟ ଅଂଶ ସେଥିରୁ ମିଳିଥାଏ। ତେଣୁ ତାପସୀ ଶେଷରେ ସେହି ମୃଗତୃଷ୍ଣା ପଛରେ ଧାଇଁବା ବନ୍ଦ କରିଦେଲେ। ଆଜିକାଲି ସୁନ୍ଦର ଇନ୍‌ଷ୍ଟାଗ୍ରାମ୍ ଫଟୋ ପାଇଁ ଯେଉଁ ଝିଅମାନେ କ୍ଷୀଣକଟୀ ହେବା ଲାଗି ନିଜ ଉପରେ ଅତ୍ୟାଚାର କରୁଛନ୍ତି ସେମାନେ ସେଥିରୁ ବିରତ ରହିବା ପାଇଁ ତାପସୀ ଉପଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ତାପସୀଙ୍କୁ ଶେଷ ଥର 'ଅଶୀ' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା, ଯାହା ଉଚ୍ଚପ୍ରଶଂସିତ ହୋଇଥିଲେ ବି ଭଲ ବ୍ୟବସାୟ କରିପାରି ନଥିଲା। ଆଗକୁ ତାଙ୍କର 'ଗାନ୍ଧାରୀ' ଚଳଚ୍ଚିତ୍ର ଆସିବାର ଅଛି।

# ଅନିଶ୍ଚିତତା ଭିତରେ 'କାଳା ହିରଣ' ମୁକ୍ତିଲାଭ !

ବଲିଉଡ୍ ତାରକା ସଲମାନ ଖାଁଙ୍କ ଜୀବନର ଏକ ବିବାଦୀୟ ଅଧ୍ୟାୟ ହେଉଛି 'ବ୍ଲାକ୍‌ବକ୍' (କୃଷ୍ଣସାର ମୃଗ) ଶିକାର ମାମଲା। ସେଥିପାଇଁ ତାଙ୍କୁ ଏକଦା ଜେଲ୍ ଯିବାକୁ ପଡ଼ିଥିଲା ଏବଂ ନିକଟ ଅତୀତରେ ଲରେନ୍‌ସ ବିଷ୍ଣୋଇ ଗ୍ୟାଙ୍ଗ ତାଙ୍କୁ ହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରିଛି। ୧୯୯୮ ମସିହାର ସେହି ଘଟଣାର କଳା ବାଦଲ ଆଜି ପର୍ଯ୍ୟନ୍ତ ସଲମାନଙ୍କ ମୁଣ୍ଡ ଉପରୁ ହଟିପାରିନାହିଁ। ଏବେ ସେହି କୃଷ୍ଣସାର ମୃଗ ଶିକାର ଘଟଣାକୁ ନେଇ ଏକ ଚଳଚ୍ଚିତ୍ର ନିର୍ମିତ ହେଉଛି, ଯାହାର ନାମ 'କାଲା ହିରଣ: ଦି ବ୍ୟାଟଲ୍ ଫର ଲିଗାସି'। ଏହା ସଲମାନଙ୍କ ଭାବମୂର୍ତ୍ତିକୁ ବିଗାଡ଼ିବାର ବିପଦ ରହିଥିବାରୁ ତାଙ୍କ ତରଫରୁ ଏହି ଚଳଚ୍ଚିତ୍ର ନିର୍ମାତାଙ୍କୁ ନୋଟିସ୍ ଜାରି କରାଯାଇଛି।






ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ନୋଟିସ୍‌ରେ ନିର୍ମାତାଙ୍କୁ ଉକ୍ତ ଚଳଚ୍ଚିତ୍ରର ମୁକ୍ତିଲାଭକୁ ସ୍ଥଗିତ ରଖିବା ସହିତ ସମସ୍ତ ପ୍ରଚାର ସାମଗ୍ରୀ ହଟାଇନେବାକୁ କୁହାଯାଇଛି। ଏହା ନ କଲେ ନିର୍ମାତାଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସତର୍କ କରାଯାଇଛି। ତେଣୁ ଏବେ 'କାଲା ହିରଣ'ର ମୁକ୍ତିଲାଭ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ତେବେ ଭରତ ଏସ୍ ଶ୍ରୀନେତଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ଟିଜର ଆସନ୍ତା ୨୦ ତାରିଖ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ନିକଟରେ ଘୋଷଣା କରାଯାଇଥିଲା। ନିର୍ମାତାଙ୍କ କହିବା ଅନୁସାରେ ଏହି ଚଳଚ୍ଚିତ୍ରରେ ବାସ୍ତବ ଜୀବନର ଆଇନଗତ ଲଢ଼େଇ ଓ ଆକ୍ସନପୂର୍ଣ୍ଣ ଘଟଣାବଳୀର ଅବତାରଣା କରାଯାଇଛି। ତା' ସହିତ ସଲମାନ ଖାଁଙ୍କ ସହିତ ଲରେନ୍‌ସ ବିଷ୍ଣୋଇ ଗ୍ୟାଙ୍ଗର ଶତ୍ରୁତା କଥା ବି ଏଥିରେ ସ୍ଥାନିତ ହୋଇଛି।

# ସ୍ପଷ୍ଟବାଦୀ ରଣଦୀପ

ଅଭିନେତା ରଣଦୀପ ହୁଡ୍ଡାଙ୍କୁ ବଲିଉଡ୍‌ରେ ସବୁଠାରୁ ରୁକ୍ଷ ଓ କଠୋର ସ୍ୱଭାବର ବ୍ୟକ୍ତି କୁହାଯିବା ପ୍ରସଂଗରେ ଏବେ ସେ ମୁହଁ ଖୋଲିଛନ୍ତି। ରୋକ୍‌ଠୋକ୍ କଥା କହିବାର ଅଭ୍ୟାସ ପାଇଁ ତାଙ୍କୁ ଅଧିକାଂଶ ଲୋକ ଭୁଲ୍ ବୁଝନ୍ତି ବୋଲି ସେ ସଫେଇ ଦେଇଛନ୍ତି। 'ମନ୍ ସୁନ୍‌ଓ୍ୱେଡିଂ'ରୁ କ୍ୟାରିୟର ଆରମ୍ଭ କରି 'ଜିସ୍ମ-୨', 'ସରବଜିତ୍', 'ସ୍ୱତନ୍ତ୍ର ବୀର ସବରକର' ଓ 'ଜାଟ୍' ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିବା ଏହି କଳାକାର କହନ୍ତି, ତାଙ୍କ ରାଜ୍ୟ ହରିୟାଣାର ଲୋକମାନେ ସ୍ପଷ୍ଟ ଓ ସିଧା କଥା କହିଥାନ୍ତି, ଯାହାକି ବେଳେବେଳେ କଠୋର ମନେ ହୋଇଥାଏ। ସିନେମା ସୁଟିଂ ସମୟରେ କୌଣସି ଦୃଶ୍ୟ କିମ୍ବା ଲୁକ୍‌କୁ ନେଇ ଯଦି କିଛି ସମସ୍ୟା ହୁଏ ତେବେ ସେ ସିଧା ଯାଇ ନିର୍ଦ୍ଦେଶକଙ୍କୁ ଜଣାନ୍ତି। ତାଙ୍କର ଏହି ସ୍ପଷ୍ଟବାଦିତା ଅନେକଙ୍କୁ ଅହଙ୍କାର ପରି ମନେ ହେଉଥାଇପାରେ। ସେ ଏକଥାକୁ ସ୍ୱୀକାର କରନ୍ତି ଯେ, ତାଙ୍କର ସାମାଜିକ ମିଳାମିଶା ଅନ୍ୟମାନଙ୍କ ଅପେକ୍ଷା ଟିକେ କମ୍। ସେହି ଦୃଷ୍ଟିରୁ ତାଙ୍କୁ ଲୋକ ଠିକ୍ ଭାବେ ଗ୍ରହଣ କରିପାରନ୍ତି ନାହିଁ। ହେଲେ କେବେ କୌଣସି ନିର୍ଦ୍ଦେଶକଙ୍କ ସହ ତାଙ୍କର ବଡ଼ ବିବାଦ ହୋଇନାହିଁ। ରଣଦୀପ ହୁଡ୍ଡା ଆହୁରି ବି କହିଛନ୍ତି ଯେ ସମୟ ସହିତ ତାଙ୍କର କଥା କହିବା ଶୈଳୀରେ ପରିବର୍ତ୍ତନ ଆସିଛି। ପୂର୍ବରୁ ସେ ସିଧାସଳଖ ଆପତ୍ତି ଜଣାଉଥିଲେ, କିନ୍ତୁ ଏବେ ସେହି କଥାକୁ ଅଧିକ ସଂଯମ ହୋଇ ପ୍ରକାଶ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ରଣଦୀପଙ୍କୁ ନିକଟରେ ଜିଓ ହଟ୍‌ଷ୍ଟାରରେ ପ୍ରସାରିତ ଧାରାବାହିକ 'ଇନସ୍ପେକ୍ଟର ଅବିନାଶ ସିଜିନ୍ ୨'ରେ ଦେଖିବାକୁ ମିଳିଥିଲା। ନୀରଜ ପାଠକଙ୍କ ନିର୍ଦ୍ଦେଶିତ ଏହି ସିରିଜ୍‌ରେ ଉର୍ବଶୀ ରୌତେଲା, ଅମିତ ସିଆଲ୍, ଅଭିମନ୍ୟୁ ସିଂହ, ଶାଲିନ୍



ଭନୋଟ୍, ରଜନୀଶ ଡୁଗ୍‌ଗଲ ଓ ଫ୍ରେଡି ଦାରୁୱାଲା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଆଗକୁ ଅଭିନେତା ସାମ ହାରଗ୍ରେଭଙ୍କ ନିର୍ଦ୍ଦେଶିତ ଆମେରିକୀୟ ଆକ୍ସନ୍-ଆଡଭେଞ୍ଚର୍ କମେଡି 'ମ୍ୟାଚ୍ ବକ୍ସ: ଦ ମୁଭି'ରେ ସେ ନଜର ଆସିବେ।

# ଆଉ ନାହାନ୍ତି ଫିଲ୍ମ ପ୍ରଯୋଜକ ପହଲାଜ ନିହାଲାନି

ବଲିଉଡର ବିଶିଷ୍ଟ ଫିଲ୍ମ ପ୍ରଯୋଜକ ତଥା ସେଣ୍ଟ୍ରାଲ ବୋର୍ଡ ଅଫ ଫିଲ୍ମ ସାର୍ଟିଫିକେସନ(ସିବିଏଫସି)ର ପୂର୍ବତନ ଅଧ୍ୟକ୍ଷ ପହଲାଜ ନିହାଲାନି ଆଉ ନାହାନ୍ତି। ଆଜି ୭୬ ବର୍ଷ ବୟସରେ ସେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି। ପହଲାଜ ବେଶ କିଛି ଦିନ ହେବ ଅସୁସ୍ଥ ରହିଥିଲେ। ଲିଭର ଜନିତ ସମସ୍ୟା ଦେଇ ଗତି କରୁଥିଲେ। ମୁମ୍ବାଇରେ ତାଙ୍କର ଚିକିତ୍ସା ଚାଲିଥିଲେ ହେଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀର ଚର୍ଚ୍ଚିତ ଚେହେରା ହେଉଛନ୍ତି ନିହାଲାନି। ଜଣେ ପ୍ରଯୋଜକ ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଫିଲ୍ମଗୁଡ଼ିକୁ ମିଳୁଥିବା ରିଲିଜ ପ୍ରମାଣପତ୍ର ସଂସ୍ଥାର ମୁଖିଆ ଭାବେ କାର୍ଯ୍ୟ କରିଥିଲେ। ଆଁଖେଁ, ଶୋଲା ଔର ଶବନମ୍, ଇଲଜାମ୍, ଅନ୍ଦାଜ, ତଲାଶ, ରଙ୍ଗିଲା ରାଜା ଓ ଜୁଲି ୨ ଭଳି ଅନେକ ଲୋକପ୍ରିୟ ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ। ସେ ଅଭିନେତା ଗୋବିନ୍ଦା ଓ ଚଙ୍କି ପାଣ୍ଡେଙ୍କୁ ବଲିଉଡ୍‌ରେ ଲଞ୍ଚ କରିବାର ଶ୍ରେୟ ମଧ୍ୟ ତାଙ୍କୁ ଦିଆଯାଇଥାଏ। ଦୀର୍ଘ ବର୍ଷ ଧରି ଫିଲ୍ମ ଇଣ୍ଡଷ୍ଟ୍ରୀରେ ଯୋଡ଼ି ହୋଇ ରହିବା ପରେ ଭାରତ ସରକାର ତାଙ୍କୁ ୨୦୧୫ରେ ନୂଆ ଦାୟିତ୍ୱ ଦେଇଥିଲେ। ସେ ୨୦୧୫ରୁ ୨୦୧୭ ଯାଏ ସେ ସିବିଏଫସି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେନସରଶିପ ଓ ଫିଲ୍ମ ପ୍ରମାଣପତ୍ର ପ୍ରଦାନକୁ ନେଇ ବେଶ ବିତର୍କ ଦେଖିବାକୁ ମିଳିଥିଲା। ଏହାକୁ ନେଇ ନିହାଲାନି ବେଶ ଚର୍ଚ୍ଚାରେ ରହୁଥିଲେ। ପହଲାଜ ନିହାଲାନି ତାଙ୍କ ପତ୍ନୀ ନୀତା ଓ ୩ ପୁଅ ବିଶାଲ, ଦୀପେଶ ଓ ଚିରାଗଙ୍କ ସହ ରହୁଥିଲେ। ପହଲାନି ୪ ଦଶନ୍ଧିରୁ ଅଧିକ ସମୟ ଧରି ବଲିଉଡ୍‌ରେ ସକ୍ରିୟ ରହିଥିଲେ। ତାଙ୍କ ଦେହାନ୍ତରେ ବଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି। ଚଳଚ୍ଚିତ୍ର ଜଗତର ବହୁ କଳାକାର ଓ ସହକର୍ମୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ନାଟକ ହିଁ ମୋ ଜୀବନ : ଚିତ୍ତ ରଞ୍ଜନ ପଲାଇ

ଓଡ଼ିଶାର ଯେଉଁ ଯୁବ ଅଭିନେତା ମାନେ ନାଟକ ଜଗତରେ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରେ ଚିତ୍ତ ରଞ୍ଜନ ପଲାଇ ଅନ୍ୟତମ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତରେ ସେ ଜନ୍ମ ଗ୍ରହଣ କରନ୍ତି। ତୁ ବୋଧେ ମୋ ଭାଗ୍ୟରେ ନାହୁଁ, ଗୁହାରୀ ଶୁଣ ଦୀନବନ୍ଧୁ, କଟି କଟି ଡବଲ କଟି, ହା କୃଷ୍ଣ ବୋଲି ଯାଉ ଜୀବ, ଜହ୍ନ ରାତିର ଝଡ ପ୍ରଭୃତି ନାଟକରେ ଚିତ୍ତ ରଞ୍ଜନ ଖୁବ ସୁନ୍ଦର ଅଭିନୟ କରିଛନ୍ତି, ଯାହାକୁ ଜୀବନରେ ଆଦୌ ଭୁଲି ହେବ ନାହିଁ। ଶିବ ପାର୍ବତୀ ଯୁବ ପରିଷଦର ସକ୍ରିୟ ସଦସ୍ୟ ଚିତ୍ତ ରଞ୍ଜନ ଅନେକ ଦୁଃଖୀ ଗରିବ ଲୋକ ମାନଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ ପରିବେଶର ସୁରକ୍ଷା ପାଇଁ ବୃକ୍ଷ ରୋପଣ କରିଥାଆନ୍ତି। ଚିତ୍ତ ରଞ୍ଜନ ପଲାଇଙ୍କ ପ୍ରିୟ ସାଙ୍ଗ ସାଥୀ ଓ ବନ୍ଧୁ ହେଉଛନ୍ତି ଇଞ୍ଜିନିୟର ଅକ୍ଷୟ ସାମଲ, ଚିନ୍ମୟ ନାୟକ, ଅଭିରାମ ନାୟକ, ଗଜେନ୍ଦ୍ର ନାୟକ, ହରିହର ନାୟକ ଓ ଅନ୍ୟ ବନ୍ଧୁ ବର୍ଗ। ନାଟକ, କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଚିତ୍ତ ରଞ୍ଜନ ନିଜର ଦକ୍ଷତା ହାସଲ କରି ଆଗେଇ ଚାଲିଛନ୍ତି। ଯେ ତେବେଳେ ଗାଁ ରେ ଡ୍ରାମା ହୁଏ ଓ ବିଭିନ୍ନ ନାଟକ କଥା ଆଲୋଚନା ହୁଏ ସେତେବେଳେ ଅଭିନେତା ଚିତ୍ତ ରଞ୍ଜନ ମୁଖ୍ୟ ଭୂମିକାରେ ଯୋଗ ଦେଇ ଥାଆନ୍ତି। ପାଞ୍ଚ ଶହରୁ ଉର୍ଦ୍ଧ୍ୱ ନାଟକରେ ସେ ଅଭିନୟ କରିଛନ୍ତି। ଇଶ୍ୱର ଙ୍କ କୃପାରୁ ଶ୍ରୀ ପଲାଇ ଙ୍କ ସମସ୍ତ ସ୍ୱପ୍ନ ଓ ଲକ୍ଷ ପୂରଣ ହେଉ



ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# କେନ୍ଦ୍ରାପଡ଼ା ପୌର ପରିଷଦ ବୈଠକ: ଅଫିସ୍ ଗୃହ ନିର୍ମାଣ ଓ ଗୋପଠାରେ ଥିବା ମଣ୍ଡପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୪/୦୬ (ନି.ପ୍ର): କେନ୍ଦ୍ରାପଡ଼ା ପୌରପରିଷଦର ବୈଠକ ପୌର ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲ୍ଲିମ୍ ଖାଁ, ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ପୌର ପରିଷଦର ବିଭିନ୍ନ ସମସ୍ୟା ଓ ଅନୁଦାନ ପାଣ୍ଠିକୁ ସୁଉପଯୋଗ କରି ଜନହିତରେ ଲଗାଇବା ପାଇଁ ଆଲୋଚନା କରାଯାଇଛି । ବର୍ଷା ଋତୁ ପୂର୍ବରୁ ପୌରାଂଚଳରେ ଥିବା ସମସ୍ତ ଡ୍ରେନ୍‌ଗୁଡ଼ିକ ନିର୍ମାଣ କାର୍ଯ୍ୟ ସାରିବା ସହିତ ପୁରୁଣା ଡ୍ରେନ୍‌ଗୁଡ଼ିକୁ ସଫା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ପୌରାଂଚଳରେ ଥିବା ଆଲୋକୀକରଣ ବ୍ୟବସ୍ଥାକୁ ନେଇଥିବା ଠିକା ସଂସ୍ଥା କୌଣସି କାର୍ଯ୍ୟ ନକରିବା ଏବଂ କେତେକ ସ୍ଥାନରେ ଖରାପ୍ ହୋଇଥିବା ବଲ୍ବକୁ ବଦଳି କରୁନଥିବାରୁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅନ୍ଧାର ରହୁଛି । ଏଥିପାଇଁ ପୌର ପରିଷଦ ବୈଠକରେ କାଉନ୍ସିଲର୍‌ମାନେ ଅଭିଯୋଗ କରିବା ସହିତ ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ଗ୍ରୀନ୍ ଫିଲ୍ଡ କମ୍ପାନୀ ରାସ୍ତା ପାର୍ଶ୍ୱରେ ଲାଇଟ୍ ଲଗାଇବା କଥା କିନ୍ତୁ ଏପର୍ଯ୍ୟନ୍ତ ଏହି ଠିକା ସଂସ୍ଥା ପୌର କାର୍ଯ୍ୟାଳୟକୁ ଆସୁନଥିବା ଏବଂ ଲାଇଟ୍ ଲଗାଉନଥିବା ବିଷୟରେ ଆଲୋଚନା କରାଯାଇଛି । ଏବଂ ପୌରାଂଚଳର ୨୧ଗୋଟି ୱାର୍ଡ଼ ମଧ୍ୟରୁ ୫ଗୋଟି ୱାର୍ଡ଼କୁ ଭୂତଳ ଗ୍ୟାସ୍ ସଂଯୋଗ ପାଇଁ ପାଇପ୍ ପକାଇବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନୂତନ ରାସ୍ତାଗୁଡ଼ିକୁ ଖୋଳି ଛାର୍‌ଖାର୍ କରି ଅଧାପନ୍ତରିଆ ରଖି କାର୍ଯ୍ୟକୁ ସମ୍ପୂର୍ଣ୍ଣ ନକରିବାରୁ ରାସ୍ତାଗୁଡ଼ିକ ଖାଲଖମାରେ ଭର୍ତ୍ତି ହୋଇସାରିଲାଣି । ଏହି ରାସ୍ତାରେ ଚାରିଚକିଆ ଅଟୋ ଏପରିକି ମଟର ସାଇକେଲ୍ ମଧ୍ୟ ଯାତାୟତରେ ଅସୁବିଧା ହେଉଛି । ଏ ନେଇ କାଉନ୍ସିଲର୍ ଏବଂ ପୌର ଅଧ୍ୟକ୍ଷା କ୍ଷୋଭ ପ୍ରକାଶ କରି ସମ୍ପୃକ୍ତ କମ୍ପାନୀକୁ ଚିଠି କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଏଥିସହିତ ପୌର ପରିଷଦ ଭିତରେ ୭ କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂତନ ପୌର କାର୍ଯ୍ୟାଳୟ ଗୃହର କାର୍ଯ୍ୟ ତୁରନ୍ତ ସମାପ୍ତ କରିବା ପାଇଁ ଠିକାଦାରଙ୍କୁ କୁହାଯାଇଛି । ଏଥିସହିତ ଗୋପ ଠାରେ ନିର୍ମାଣ ହେଉଥିବା ପୌରସଂସ୍ଥାର ମଣ୍ଡପ ଜାଗାକୁ ସ୍ଥାନୀୟ କିଛି ଅସାଧୁ ବ୍ୟକ୍ତି ଜୋର୍ ଜବରଦସ୍ତ ଗୃହ କରିଥିବାରୁ ଏହାକୁ ତୁରନ୍ତ ଉଚ୍ଛେଦ କରିବା ପାଇଁ ବ୍ୟବସ୍ଥା କରିବା ସହିତ ମଣ୍ଡପର ଚାରିପାଶ୍ୱର୍ରେ ପାଚେରୀ ଉଠାଇବା ପାଇଁ ସ୍ଥିର କରାଯାଇଛି । କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପ୍ରସିଦ୍ଧ ରଥଯାତ୍ରାକୁ ଆଖିରେ ରଖି ତିନିମୁହାଣୀ ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ନୂତନ ଭାବେ କରିବା ପାଇଁ ଟେଣ୍ଡର ସରିଥିବାବେଳେ ଏହାକୁ ଠିକାଦାରଙ୍କୁ ଦେଇ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ବ୍ୟବସ୍ଥା କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ବିଧାୟକଙ୍କ ପାଣ୍ଠିରେ ୫ ନମ୍ବର ୱାର୍ଡର ଗୋପଠାରେ ନିର୍ମାଣ ହେବାକୁ ଥିବା ପାଠାଗାର ଏବଂ ତୁଳସୀ ମହିଳା ମହାବିଦ୍ୟାଳୟର ୫୧ ଲକ୍ଷର ଶ୍ରେଣୀଗୃହ ସାଂସଦଙ୍କ ପାଣ୍ଠିରୁ ତୁରନ୍ତ ଟେଣ୍ଡର କରାଯିବା ପାଇଁ ଗୁରୁତର ସହ ଆଲୋଚନା କରାଯାଇଛି । ଆୟୋଜିତ ଏହି ବୈଠକରେ କାଉନ୍ସିଲର ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକ, ସୁକୁମାର ଚୌଧୁରୀ, ପ୍ରଦୀପ ଜେନା, ଫର୍ଜନା ବେଗମ୍, କାଳୀପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ କାଉନ୍ସିଲର ଓ ପୌରସଂସ୍ଥାର ଜେଇ, ଏମ୍.ଇ,ଆର୍‌ଡିର ଜେଇ, ପିଏଚ୍‌ଡିର ଜେଇ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଭୁବନ ଏନ୍‌ଏସିରେ ନିଲାମ ହେଉଛି ଆବାସ ଯୋଜନା ଘର

ଭୁବନ, ୪/୦୬ (ନି.ପ୍ର): ସହରାଂଚଳରେ ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର 'ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା' ପ୍ରଣୟନ କରିଛନ୍ତି । ଅନେକ ବିଫଳ ଯୋଜନା ମଧ୍ୟରୁ ଆବାସ ଯୋଜନା ଗୋଟିଏ ସଫଳ, ଯୁଗାନ୍ତକାରୀ ଓ ଜନକଲ୍ୟାଣକାରୀ ଯୋଜନା ବୋଲି କୁହାଯାଉଛି । ତେବେ ବିଭାଗୀୟ ଅଧିକାରୀଙ୍କ ଦୁର୍ନୀତି, ପ୍ରିୟାପ୍ରୀତି ,ଅନିୟମିତତା ଓ ସ୍ୱେଚ୍ଛାଚାରୀତା ପାଇଁ ଏହି ଯୋଜନା ଏବେ ବାଟବଣା ହେବାରେ ଲାଗିଛି ଏବଂ ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦରେ ଏହି ଯୋଜନା ଏକ ବିଫଳ ଯୋଜନା ହେବାକୁ ଯାଉଛି ବୋଲି ଅଭିଯୋଗ ହୋଇଛି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଭୁବନ ଏନ୍ ଏ ସି ରେ ୨୦୨୫-୨୬ ବର୍ଷ ସମୁଦାୟ ୯୯୧ ଜଣ ହିତାଧିକାରୀ ଙ୍କୁ ପି ଏମ ଏ ୱାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ତେବେ ତାଲିକାରେ ନାମ ପ୍ରକାଶ କରିବା,ଜାଗା ଚିହ୍ନଟ କରିବା ( ଲେ ଆଉଟ୍) ପାଇଁ ବିଭାଗୀୟ ନୋଡାଲ ଅଧିକାରୀ ହିତାଧିକାରୀ ମାନଙ୍କ ଠାରୁ ୧୦ ରୁ ୨୦ ହଜାର ଟଙ୍କା ଦାବି କରି ନେଉଛନ୍ତି ଓ କିସ୍ତି ପ୍ରଦାନ ପାଇଁ ୧୦ ହଜାର ଟଙ୍କା ନେଉଛନ୍ତି । ଗରିବ ଲୋକଙ୍କୁ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ବାଦ୍ ଦେଇ ଧନୀ ପ୍ରତିପତି ଲୋକଙ୍କ ଠାରୁ ୧ ଲକ୍ଷ ଟଙ୍କା ନେଇ ତାଙ୍କୁ ତାଲିକା ଭୁକ୍ତ କରି ଘର ନକରି ଅନ୍ୟ ସ୍ଥାନରେ ଫଟୋ ଉଠାଇ କିସ୍ତି ପ୍ରଦାନ କରାଯାଉଛି । ଗୋଟିଏ ୱାର୍ଡ ବ୍ୟକ୍ତି ଙ୍କୁ ଅନ୍ୟ ୱାର୍ଡ ରେ ସାମିଲ କରି ଘର ନକରି ପଇସା ଦିଆଯାଉଛି । ଏନ୍ ଏ ସି ବ୍ୟକ୍ତି ପଂଚାୟତରେ ଘର କରି ମଧ୍ୟ ପଇସା ପାଉଛନ୍ତି ,ଖୋଦ୍ ଏନ୍ ଏ ସି କର୍ମଚାରୀ ମାନେ ଏହି ଆବାସ ଯୋଜନାରେ ଯୋଗ୍ୟ ବିବେଚିତ ହୋଇ ଲାଭାର୍ଥି ସାଜିଛନ୍ତି । ଯିଏ ଦେଲା , ତା'ର ହେଲା ନ୍ୟାୟ ରେ ଚାଲିଛି ଆବାସ କେଳେଙ୍କାରୀ ଯୋଜନା । ମାତ୍ରାଧିକ ଦୁର୍ନୀତି ,ପ୍ରିୟାପ୍ରୀତି ଯୋଗୁଁ ବହୁ ଗରିବ ଲୋକ ଏହି ଯୋଜନାରୁ ବାଦ୍ ପଡୁଛନ୍ତି । ସରକାରୀ ଜାଗାରେ ରହୁଥିବା ଲୋକ ଓ ଭୂମିହୀନ ଲୋକଙ୍କୁ ୪ ଡେ ସି ଜାଗା ଦେଇ ସେମାନଙ୍କୁ ଆବାସ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସରକାରଙ୍କ ଗାଇଡ ଲାଇନ୍ ରେ ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ଭୁବନରେ ଜଣେ ବ୍ୟକ୍ତି ମଧ୍ୟ ଏଥିରେ ଉପକୃତ ହୋଇ ନାହାନ୍ତି । ଡବଲ ଇଞ୍ଜିନ ସରକାରରେ ଯେମିତି ଡବଲ ପି ସି ଓ ଡବଲ ଦୁର୍ନୀତି ହେଉଛି ପୂର୍ବ ସରକାର ସମୟରେ ଏମିତି ଆଖିବୁଜା ଦୁର୍ନୀତି ହେଉନଥିଲା ବୋଲି ଲୋକେ କହୁଛନ୍ତି ।

# ନାରେନ୍‌ଠାରେ ବିଶ୍ୱ ସାଇକେଲ ଦିବସ ପାଳିତ

ବଲାଙ୍ଗୀର, ୪/୦୬ (ନି.ପ୍ର): ଟିଟିଲାଗଡ଼ ବ୍ଲକ ନାରେନ ପଂଚାୟତ ଠାରେ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି । ସକାଳୁ ସାଇକେଲ ରେଲି ଏବଂ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ମେରା ଯୁବା ଭାରତ ଆୟୋଜନ କରିଥିଲେ । ମା ବୀଣାପାଣି ପାଠାଗାର, ଆଦର୍ଶ ସାଂସ୍କୃତିକ ସଂଘ ଏବଂ ବାବା ସେହେବ ଯୁବ କ୍ଲବ, ନାରେନ ସ୍ୱୟଂ ସହାୟକ ଗୋଷ୍ଠୀ, ସିୱାଇଏସ୍‌ଡି, ସିଆରପି ଯମୁନା ପ୍ରଧାନୀ ଓ ଟଙ୍କଧର ବଗର୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେରା ଯୁବା ଭାରତର ଧର୍ମପାଳ ରୋଝ ଯୋଗଦାନ କରିଥିବାବେଳେ ଅବସରପ୍ରାପ୍ତ ଲେଖାପାଳ ବିପିନ ବିହାରି ଜେନା, ଜୋନ ନଂ.୦୮ର ଜିଲ୍ଲା ପରିଷଦ ସଂଜୟ କୁମାର ବେହେରା, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଥବିର ପୁଝାରୀ, ଅବସରପ୍ରାପ୍ତ ଶିକ୍ଷକ ଧନବଳ ବଗର୍ତି, କାର୍ଯ୍ୟାଳୟ ସହାୟକ ବଳିଆର ସିଂ ବସ୍ତିଆ, ସନତ ପଟେଲ, ଅଶୋକ ସାହୁ, ଅଶୋକ ରଣା, ଚିତ୍ରସେନ ଭୋଇ, ଡେଜିଙ୍ଗ ରଣା, ଗରୁଡ଼ ସାହୁ, ସରୋଜ ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମା ବୀଣାପାଣି ପାଠାଗାର ସଭାପତି ମନରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆପଡ଼ାରେ ଶିକ୍ଷା ସମୀକ୍ଷା ବୈଠକ

ନୂଆପଡ଼ା, ୪/୦୬ (ନି.ପ୍ର): ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଜିଲ୍ଲାର ଶିକ୍ଷାଗତ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବର୍ଷସାରା କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକଳାପ ପାଇଁ ବାର୍ଷିକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀନ୍ ସ୍କୁଲ ଅଧୀନରେ ସମସ୍ତ ବିଦ୍ୟାଳୟରେ ନ୍ୟୁଟ୍ରି ଗାର୍ଡେନ ସ୍ଥାପନ କରିବାକୁ ମଧ୍ୟ କହିଥିଲେ । ଆସନ୍ତା ୧୮ ଜୁନରେ ବିଦ୍ୟାଳୟ ଓ ଛାତ୍ରାବାସ ଖୋଲିବାକୁ ଥିବାରୁ ଜିଲ୍ଲାପାଳ ସମସ୍ତ ବିଦ୍ୟାଳୟରେ ପୂର୍ବ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବର୍ଷା ଋତୁକୁ ଦୃଷ୍ଟିରେ ରଖି ଜଳବାହିତ ଓ ମଶାବାହିତ ରୋଗ ରୋକିବା ପାଇଁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ସେ କହିଥିଲେ । ବିଦ୍ୟାଳୟ ଓ ଛାତ୍ରାବାସର ଶ୍ରେଣୀଗୃହ, କାର୍ଯ୍ୟାଳୟ, ପରୀକ୍ଷାଗାର, ପୁସ୍ତକାଳୟ, ରୋଷେଇ ଘର, ଭୋଜନାଳୟ, ଶୌଚାଳୟ ଓ ଅନ୍ୟାନ୍ୟ ସ୍ଥାନକୁ ସଫା ଓ ବିଶୋଧନ କରିବାକୁ କହିଥିଲେ ।


**AFFIDAVIT**

By virtue of an affidavit before the executive Magistrate Basudevpur, I Subash Chandra Malik son of Ganesh Malik resident of At-Radhanathpur, ward no -1, P.o- Mandari, P.s- Basudevpur, Dist- Bhadrak, Pin Code-756125 declare that, I am the father of the minor (old name) Javan Malik. For and on behalf of my minor son, I wholly renounce, relinquish and abandon the use of the former name of my minor son (old name) Javan Malik and in place thereof assume from the date hereof the name as (new name) Jagan Malik. From now on he shall known as Jagan Malik for all purposes.

**Subash Chandra Malik**


# ବିଦ୍ୟୁତ ବିଭାଗର ଗ୍ରାହକ ମାରଣ ନୀତି ବିରୁଦ୍ଧରେ ଗର୍ଜିଲା ବିଜେଡି

## ୭ଦଫା ଦାବି ନେଇ ପାଟଣାଗଡ଼ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରାଉ

ବଲାଙ୍ଗୀର, ୪/୦୬ (ନି.ପ୍ର): ସ୍ମାର୍ଟ ମିଟର ଆଳରେ ଗ୍ରାହକମାନଙ୍କୁ ଲୁଟୁଛି ବିଦ୍ୟୁତ ବିଭାଗ । ପ୍ରତିଦିନ ଘଂଟା ଘଂଟା ବିଦ୍ୟୁତ କାଟ ଯୋଗୁଁ ସାଧାରଣ ଲୋକେ ଅତିଷ୍ଟ ହୋଇ ପଡ଼ିଥିବାବେଳେ ଉପଭୋକ୍ତାଙ୍କ ଠାରୁ ପୁରୁଣା ବିଦ୍ୟୁତ ବକେୟା ବିଲ୍ ଆଦାୟ କରାଯାଉଛି । ଏହାସହ ବିଭିନ୍ନ କାରଣ ଦର୍ଶାଇ ବିଦ୍ୟୁତ ଫାଇନ୍ ଆଦାୟ କରାଯାଉଛି । ତେବେ ରାଜ୍ୟରେ ଶାସନ କରୁଥିବା ଡବଲ ଇଂଜିନ୍ ସରକାରଙ୍କ ଅପାରଗତା ଯୋଗୁଁ ବିଦ୍ୟୁତ ଉପଭୋକ୍ତାମାନେ ଆଜି ବିଦ୍ୟୁତ ସମସ୍ୟାକୁ ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି କିଛି ପ୍ରସଙ୍ଗକୁ ନେଇ ଆଜି ପାଟଣାଗଡ଼ ବିଜୁ ଜନତା ଦଳ ତରଫରୁ ନିଜର ୭ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପାଟଣାଗଡ଼ ବିଦ୍ୟୁତ ବିଭାଗ ଏସ୍‌ଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପାଟଣାଗଡ଼ର ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ସାରୋଜ ମେହେରଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଓ କର୍ମକର୍ତା ତଥା ବିଭିନ୍ନ ସଂଗଠନର ସଭ୍ୟ ମାନେ ଏକ ରେଲିରେ ବାହାରି ପାଟଣାଗଡ଼ ବିଦ୍ୟୁତ ଅଫିସ ଘେରାଓ କରିଥିଲେ । ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ସରକାର ନିଜର ନିର୍ବାଚନ ଇସ୍ତାହାରରେ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୩୦୦ୟୁନିଟ୍ ବିଦ୍ୟୁତ ବିଲ୍ ମାଗଣାରେ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଆଜି ରାଜ୍ୟରେ ଡବଲ ଇଂଜିନ୍ ସରକାର ଲୋକଙ୍କୁ ପ୍ରତିଶୃତି ନାଁରେ କେବଳ ପ୍ରତାରଣା ଦେଇଛି ବୋଲି ବିଜେଡି ଅଭିଯୋଗ କରିଛି । ଖୋଦ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଯଦି ଏପରି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି, ତେବେ ରାଜ୍ୟରେ ବିଦ୍ୟୁତ ଉପଭୋକ୍ତାମାନେ କେଉଁ ପରିସ୍ଥିତିରେ ଥିବା ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର । ଆଜି ଶତାଧିକ ବିଜେଡି କର୍ମୀ ହାତରେ ପ୍ଲାକାର୍ଡ଼ ଧରି ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନ ଦେଇ ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟ ଠାରୁ ବିଦ୍ୟୁତ ବିଭାଗ କାର୍ଯ୍ୟଳୟ ପର୍ଯ୍ୟନ୍ତ ଏକ ବିଶାଳ ରେଲି ବାହାରିଥିଲା । କେ.ବି ସିଂହଦେଓ ମୁର୍ଦ୍ଦାବାଦ, କେ.ବି ସିଂହଦେଓ ହାଏ ହାଏ ନାରା ଦେଇ ବିଜେଡି କର୍ମୀମାନେ ବାହାରି ଥିଲେ । ଆନ୍ଦୋଳନକାରୀମାନେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓଙ୍କ କୁଶପୁତଳିକା ଦାହ କରିଥିଲେ । ବିଦ୍ୟୁତ ବିଭାଗ ସ୍ମାର୍ଟ ମିଟର ପ୍ରଚଳନ ତରୁନ୍ତ ବନ୍ଦ କରିବା ସହ ଚାଷୀମାନଙ୍କୁ ସଂପୂର୍ଣ୍ଣ ମାଗଣା ବିଦ୍ୟୁତ ବିଲ୍ ପ୍ରଦାନ କରିବା ଏବଂ ପୁରୁଣା ବକେୟା ବିଲ୍ ଥିଲେ ମଧ୍ୟ ନୂତନ ବିଦ୍ୟୁତ ସଂଯୋଗ କରାଯିବା ପାଇଁ ପାଟଣାଗଡ଼ ବିଜେଡି ପକ୍ଷରୁ ଦାବି କରାଯାଇଛି । ଆଗାମୀ ଦିନରେ ପାଟଣାଗଡ଼ ବିଦ୍ୟୁତ ବିଭାଗ ଉପଭୋକ୍ତାମାନଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଦାବି ସବୁ ପୂରଣ ନକଲେ ବିଜେଡି ଆନ୍ଦୋଳନକୁ ଆହୁରି ତୀବ୍ରତର କରିବ ବୋଲି ଚେତାବନୀ ଦେଇଛି ।

# ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ

ଝାରସୁଗୁଡ଼ା , ୪/୦୬ (ନି.ପ୍ର): ବିଶ୍ୱ ଜନନୀ ମହାସଂଘର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନ ସ୍ଥିତ ଜିଲ୍ଲା ଗ୍ରନ୍ଥାଗାର ପରିସରରେ ବୁଧବାର 'ସୁଭଦ୍ରା ଶକ୍ତି କାଫେ' ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାଫେର ଶୁଭ ଉଦଘାଟନ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ କାଫେ ସ୍ଥାପନ ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହା ଏକ ଉଦାହରଣୀୟ ପ୍ରୟାସ ବୋଲି କହିଥିଲେ । ଏଥିସହିତ ମହିଳା ଶକ୍ତିକୁ ସଦୃଢ଼ କରିବା ଏବଂ ଜୀବିକା ନିର୍ବାହର ନୂତନ ସୁଯୋଗ ସୃଷ୍ଟି କରୁଥିବା ଏଭଳି ମହିଳା-ପରିଚାଳିତ ଉଦ୍ୟୋଗଗୁଡ଼ିକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡତିଆ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ଡକ୍ଟର ପୁଷ୍ପଶ୍ରୀ ନାୟକ, ଝାରସୁଗୁଡ଼ା ସହରାଞ୍ଚଳ ସିଡିପିଓ ସଲମା ଟୁଡୁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ହରେକୃଷ୍ଣ ବରିହା ପ୍ରମୁଖ ଉପସ୍ଥିତ ଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଦିଗରେ ଏହି କାଫେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାଜିବ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ମହାସଂଘର ବହୁ ମହିଳା ସଦସ୍ୟା ଉପସ୍ଥିତ ରହିଥିଲେ ।

# ପୁରାତନ ଡ଼ାକ୍ତରଖାନାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦାବି

ଜୟପୁର, ୪/୦୬ (ନି.ପ୍ର): ଜୟପୁର ସହର ମୁଖ୍ୟ ରାସ୍ତାରେ ଥିବା ପୁରୁଣା ଡାକ୍ତର ଖାନାକୁ ମାର୍କେଟ କମ୍ପ୍ଲେକ୍ସ କରିବାକୁ ଦାବି ହୋଇଛି । ଏନେଇ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଜୟପୁର ଉପ ଜିଲ୍ଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ସମାଜସେବି ବି.ହରି ରାଓଙ୍କ ନେତୃତ୍ୱ ରେ ଗ୍ରାମବାସୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ କୋରାପୁଟ ଜିଲ୍ଲାର ଜୟପୁର ସହରରେ ରହିଥିବା ପୁରାତନ ଡ଼ାକ୍ତରଖାନା, ଯାହାକି ନୂତନ ଭାବେ ନିର୍ମାଣ ହୋଇଥିବା ଜିଲ୍ଲା ଡ଼ାକ୍ତରଖାନା, କୋରାପୁଟ ଜୟପୁରକୁ ସ୍ଥାନାନ୍ତରିତ ହୋଇଯାଇଛି । ଯାହାରି ଫଳରେ କି ପୁରାତନ ଡ଼ାକ୍ତରଖାନାଟି ଆଜିସୁଦ୍ଧା ଖାଲି ରହିଅଛି । ଯଦ୍ଦ୍ୱାରା କି ଏଠାରେ କୌଣସି ବ୍ୟକ୍ତିବିଶେଷ ନ ରହିବା ଫଳରେ ଭଗ୍ନାବସ୍ଥାରେ ରହିଅଛି । ଏଣୁ, ଏହି କୋଠାକୁ ସମ୍ପୂର୍ଣ ରୂପେ ନଷ୍ଟ କରି ସେହି ସ୍ଥଳରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିବା ଲାଗି ଆଶୁ ପଦକ୍ଷେପ ଗ୍ରହଣ କରିବା ହେଲେ, ଏଠାକାର ଛୋଟ ବଡ଼ ବ୍ୟବସାୟୀମାନେ ଉପକୃତ ଇରିବା ସହିତ ସରକାରଙ୍କ ରାଜସ୍ୱ ଆଦାୟରେ ସହାୟକ ହୋଇପାରିବ । କାରଣ, ଏହି ଡ଼ାକ୍ତରଖାନାର ପରିସୀମା ହାରାହାରି ୪ଏକର ହେବ । ଏତେ ପରିମାଣରେ ଛୋଟ ଏବଂ ବଡ଼ କରି ବିଭିନ୍ନ କୋଠରୀମାନ ନିର୍ମାଣ କରିବା ହେଲେ ବ୍ୟବସାୟୀମାନେ ଉପକୃତ ଲଭିବେ । ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିବା ସକାଶେ ଜିଲ୍ଲା ପ୍ରଶାସନକୁ ଆଦେଶ ପ୍ରଦାନ କରିବା ହେଲେ, ଛୋଟ ବଡ଼ ବ୍ୟବସାୟୀମାନେ ଉପକୃତ ଲଭିବେ ଏବଂ ଏଠାରେ ଜନଗହଳି ବଢ଼ିବା ସହିତ ସହରରେ ରହୁଥିବା ଟ୍ରାଫିକ୍ ସମସ୍ୟାରୁ ମଧ୍ୟ କିଛି ପରିମାଣରେ ଲାଘବ ହେବା ସହ ସରକାରଙ୍କ ରାଜସ୍ୱ ଆଦାୟରେ ସହାୟ ହେବ ବୋଲି ଉଲ୍ଲେଖ କରାଯାଇଛି ।

# ଟିକିଲିପଡ଼ା ଗାଁରେ ଅଘୋଷିତ ବିଦ୍ୟୁତ କାଟ୍: ପ୍ରତିବାଦରେ ତାଲା ଝୁଲିଲା ଗ୍ରୀଡ଼ଷ୍ଟେସନ ଫାଟକରେ

ସମ୍ବଲପୁର, ୪/୦୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଟିକିଲିପଡ଼ା ଗ୍ରାମରେ ଦୀର୍ଘଦିନ ହେବ କୌଣସି ବୈଧ କାରଣ ବିନା ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଥିଲା । ଏହାଦ୍ୱାରା ଛାତ୍ରଛାତ୍ରୀ, ବୃଦ୍ଧ ଓ ସାଧାରଣ ଲୋକେ ହଇରାଣ ହେଉଥିଲେ । ଗତ ମଇ ୧୩ ତାରିଖ ଦିନ ଗ୍ରାମବାସୀ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇ ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବାକୁ ଦାବି କରିଥିଲେ । ଗତ ୩ ଦିନ ହେବ ସମସ୍ୟା ଅଧିକ ଜଟିଳ ହୋଇଥିଲା । ପ୍ରତି ଅଧଘଂଟାରେ ବିଦ୍ୟୁତ ଯିବା ଆସିବା କରୁଥିଲା ଏବଂ ସେଥିରେ କୌଣସି ସ୍ଥିରତା ନଥିଲା । ଆଜି ପୂର୍ବାହ୍ନ ୧୦ ଟାରେ ବ୍ଲକ ଉପାଧ୍ୟକ୍ଷ ରୋହିତ ଭୋଇଙ୍କ ନେତୃତ୍ୱରେ ଏବଂ ସରପଂଚ ଅଜିତ ନାଏକଙ୍କ ସମେତ ଗ୍ରାମବାସୀମାନେ ଜମନକିରା ବିଦ୍ୟୁତ ଗ୍ରୀଡ୍ ସବ-ଷ୍ଟେସନ ଘେରାଉ କରିଥିଲେ । ଅଫିସରେ କୌଣସି କର୍ମଚାରୀ ନଥିବାରୁ ଲୋକଙ୍କ ଅସନ୍ତୋଷ ବଢ଼ିଥିଲା ଏବଂ ସେମାନେ ଗ୍ରୀଡ୍ ଷ୍ଟେସନ ଗେଟ୍ରେ ତାଲା ପକାଇ ଦେଇଥିଲେ । ଗ୍ରାମବାସୀ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରିବାରୁ ସେ ବୁର୍ଲାରେ ଥିବା ପ୍ରକାଶ କରିଥିଲେ । ଏହାପରେ ଜମନକିରା ଥାନା ଆଇଆଇସି ରଞ୍ଜନ ନାଗଙ୍କୁ ଘଟଣା ସମ୍ପର୍କରେ ଜଣାଇ ଥିଲେ । ସୂଚନା ପାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ବିଡିଓ ରବୀନ୍ଦ୍ର ସେଠୀ, ଏବିଡିଓ ମହିମା ସାହୁ, ଆଇଆଇସି ରଞ୍ଜନ ନାଗ ଏବଂ ସବ-ଇନ୍ସପେକ୍ଟର ସନ୍ତୋଷ ସ୍ୱାଇଁ ଦଳବଳ ସହ ଆନ୍ଦୋଳନ ସ୍ଥଳରେ ପହଂଚିଥିଲେ । ପ୍ରଶାସନିକ ଅଧିକାରୀମାନେ ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ । ଆଲୋଚନା ପରେ ଟିକିଲିପଡ଼ା ଫିଡର ଦାୟିତ୍ୱରେ ଥିବା ଦୁଇଜଣ ଲାଇନମ୍ୟାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଗ୍ରାମବାସୀ ଫିଡରର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହଯୋଗ କରିବାକୁ ରାଜି ହେବା ସହ ଏହାପରେ ସ୍ଥାୟୀ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ଦାବି କରିଛନ୍ତି । ଯଦି ଏହି ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ଶୀଘ୍ର ନହୁଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିବାକୁ ଚରମ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ନୂଆପଡ଼ାରେ ଆଡାପ୍ଟ-୪ଆର୍ ପ୍ରକଳ୍ପର କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ

ନୂଆପଡ଼ା, ୪/୦୬ (ନି.ପ୍ର): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା କାର୍ଯ୍ୟାନ୍ୱିତ "ଆଡାପ୍ଟ-୪ଆର୍ ପ୍ରକଳ୍ପର ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାନ୍ୱୟନ କମିଟି ବୈଠକ ଆଜି ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ମୁକାବିଲା କରି ଗ୍ରାମାଂଚଳର ଜୀବିକା ଏବଂ ପ୍ରାକୃତିକ ସମ୍ପଦର ସ୍ଥାୟୀ ବିକାଶ ସୁନିଶ୍ଚିତ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ । ବୈଠକରେ ଖରିଆର ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ତଥା ଜିଲ୍ଲା ନୋଡାଲ ଅଧିକାରୀ ଆଜିଜ ଖାନ ପ୍ରକଳ୍ପର ଅଗ୍ରଗତି ଓ ଆଗାମୀ ତ୍ରୈମାସିକ କାର୍ଯ୍ୟଯୋଜନା ସମ୍ପର୍କରେ ସବିଶେଷ ଉପସ୍ଥାପନା କରିଥିଲେ । ଖରିଆର ବ୍ଲକର ସନମହେଶ୍ୱର ଓ ବରଗାଁ ଏବଂ ବୋଡେନ ବ୍ଲକର ନାଗପଡ଼ା ଓ ଭୈଁଷାଦାନୀ ଗ୍ରାମପଂଚାୟତ ଅନ୍ତର୍ଗତ ମୋଟ ୨୦ଟି ଗ୍ରାମରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସୂଚନା ଦିଆଯାଇଥିଲା । ପ୍ରକଳ୍ପର ବୈଷୟିକ ସହଯୋଗୀ ଓୟୁଏଟି ଏବଂ କାର୍ଯ୍ୟାନ୍ୱୟନ ସହଯୋଗୀଙ୍କ ଭୂମିକା, ପ୍ରକଳ୍ପ ଅଂଚଳରେ ବାଉଁଶ ଭିତିକ କୃଷି-ବନୀକରଣର ପ୍ରସାର, ନୂଆପଡ଼ାକୁ ଓଡ଼ିଶା ବାମ୍ବୁ ମିଶନରେ ସାମିଲ କରିବା ଏବଂ ବ୍ଲକ ସ୍ତରରେ ଜଳବାୟୁ ଅନୁକୂଳନ ସୂଚନା କେନ୍ଦ୍ର ସ୍ଥାପନ ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ବିଭାଗ ସହ ସମନ୍ୱୟ ଓ ଅଭିସରଣର ସମ୍ଭାବନା ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଦାଶ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ସଂପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ସହ ସ୍ଥାନୀୟ ଲୋକଙ୍କ ଜୀବିକା ଓ ଖାଦ୍ୟ ନିରାପତାକୁ ସୁଦୃଢ଼ କରିବା ଦିଗରେ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, କେଭିକେର ବରିଷ୍ଠ ବୈଜ୍ଞାନିକ ଲବ ସୋରେନ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବନ ବିଭାଗର ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜାତୀୟ ଓ ବୈଷୟିକ ଦଳ ନୂଆଦିଲ୍ଲୀରୁ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ ।

# ମାଲକାନଗିରିରେ ବାଲି ଚୋରା ଚାଲାଣ ନେଇ ବିଜେଡି ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, ୪/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଆଜି ବିଜେଡି ଜିଲ୍ଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଙ୍କ ଉପସ୍ଥିତିରେ ମାଲକାନଗିରି ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ମାଲକାନଗିରି ଜିଲ୍ଲାରେ ବାଲି ଚୋରା ଚାଲାଣ ହେଉଥିବା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ,ମାଲକାନଗିରି ଜିଲ୍ଲାର ୨୫ଟି ଘାଟ ମଧ୍ୟରୁ ମାତ୍ର ୮ଟି ଘାଟର ଲିଜ୍ ବୈଧ ରହିଛି ଓ ଅନ୍ୟ ଘାଟର ଲିଜ୍ ଅବଧି ସରି ଯାଇଥିଲେ ମଧ୍ୟ ମାଫିଆ ଦିନକୁ ଦିନ ଶହ ଶହ ଗାଡ଼ି ବାଲି ଲୁଟ କରୁଛନ୍ତି । କିଛି ଅସାଧୁ ମେଣ୍ଟ ଏହି ରାକେଟକୁ ଚଳାଉଥିବା ବେଳେ ଖଣି ବିଭାଗ ସଲାସୁତୁରା ହୋଇ ଚୁପ୍ ବସିଛି । କର୍ମଚାରୀ ଅଭାବ ଦର୍ଶାଇ ଚଢ଼ାଉ କରୁନଥିବାରୁ ବେଫିକର ହୋଇ ମାଫିଆ ବାଲି ଚୋରାଚାଲାଣ କରି ଲକ୍ଷାଧିକ ଟଙ୍କାର ମୁନାଫା କମାଉଛନ୍ତି । କିଛି ଘାଟରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ଖଣି ବିଭାଗ ଜବତ କରି ଗୋଟିଏ ସ୍ଥାନରେ ଗଚ୍ଛିତ କରି ସ୍ପଟ ଅକ୍ସନ ମାଧ୍ୟମରେ ପୁଣି ସେହି ବାଲିକୁ ରୟାଲଟି ଓ ପେନାଲ୍ଟି ରସିଦ କାଟି ମାଫିଆଙ୍କୁ ଦିଆ ଯାଉଛି । କିଛି ଘାଟ ଏମିତି ରହିଛି ଯାହା ଖଣି ବିଭାଗର ନଜରରେ ଓ ରେକର୍ଡରେ ନାହିଁ । ଜିଲ୍ଲାର ଶିଖପାଲୀ, କମଳାପଦର, ଚିତାପାରି, ଗୋବିନ୍ଦପାଲ୍ଲୀ, ଗୋଟିଗୁଡା, ଗଙ୍ଗରାଜଗୁମା, ଖଇରାପାଲି ଏବଂ ଚାଉଳମେନ୍ଦି ବାଲି ଘାଟର ଟେଣ୍ଡର ହୋଇଥିବା ବେଳେ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ବୈଧ ରହିଛି । ଘାଟ ଗୁଡିକ ରେ ବାଲି ପରିମାଣ କମ ଥିବାରୁ ଅଧିକାଂଶ ଘାଟ ବନ୍ଦ ପଡିଛି । ଫଳରେ ମାଫିଆ ଲିଜ୍ ହୋଇନଥିବା ଘାଟରୁ ଚୋରାଚାଲାଣ କରୁଛନ୍ତି । ବିଳମ୍ବିତ ରାତିରେ ଶତାଧିକ ଟିପର ବାଲି ଚୋରାଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକଙ୍କୁ ନିର୍ମାଣ କାର୍ଯ୍ୟ ଲାଗି ବାଲି ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯେଉଁ ବାଲି ଚୋରାରେ ମିଳୁଛି ତାହା ଆକାଶଛୁଆଁ ହୋଇଥିବାରୁ ସ୍ଥାନୀୟ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏପରିକି ଆବାସ ଯୋଜନା ହିତାଧିକାରୀ ଟ୍ରାକ୍ଟର ରେ ବାଲି ନେଉଥିବା ବେଳେ ପୋଲିସ ପ୍ରଶାସନ ଟ୍ରାକ୍ଟର କୁ ଜବତ କରୁଛି, ଫଳରେ ଆବାସ ଘର କାମ ଅଗ୍ରଗତି ହୋଇପାରୁନାହିଁ । ଅନ୍ୟପକ୍ଷେ ଜିଲ୍ଲାରେ ରହିଥିବା ଓର୍କେଲ, ଗିରକାନପଲ୍ଲୀ, ମାରନାପାଲି, ତମାନପାଲି, ତେଲିଗୁଡା, ଭେଙ୍କେଟପାଲମ, ମହେଶ୍ୱରପୁର, ଚିତାପାରୀ -ଏ, ଚିତାପାରୀ -ବି. କୋଡେମେଡଲା ପୁଲିମେଟଲା, ମାଳିଗୁଡା, ପାଙ୍ଗାମ, ପୋଡାଗୁଡା, ମେକା, ଧୂର୍ଙ୍ଗିଆପୁଟ ଏବଂ ମୋଟୁ ବାଲିଘାଟର ଟେଣ୍ଡର ବିଭାଗ ଆଜି ପର୍ଯ୍ୟନ୍ତ କାହିଁକି କରୁନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାଲକାନଗିରି ଜିଲ୍ଲା ଯୁବ ବିଜେଡି ଓ ଛାତ୍ର ବିଜେଡି ତରଫରୁ ଏ ଦିଗରେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି ନ ହେଲେ ଆଗାମୀ ୧୫ ଦିନ ମଧ୍ୟରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ ରାସ୍ତାରେ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବ ।

# ଅନ୍ତରୀକ୍ଷର ପାର୍ବଣ ଉତ୍ସବ




କଟକ ୦୪/୬ (ନି.ପ୍ର): ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟ ର ସାହିତ୍ୟ ପତ୍ରିକା ଅନ୍ତରୀକ୍ଷ ର ପାର୍ବଣ ସଂଖ୍ୟା ଓ ଗାଳ୍ପିକ ଆନନ୍ଦ କୁମାର ମାଇତି ଙ୍କ ଦ୍ୱିତୀୟ ଗଳ୍ପ ସଂକଳନ ଦାମ୍ପତ୍ୟ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ସଭା ଗୃହରେ ଉନ୍ମୋଚନ ଉତ୍ସବ ପାଳିତ ହୋଇଯାଇଅଛି । ଅନୁଷ୍ଠାନର ସଭାପତି ଆନନ୍ଦ କୁମାର ମାଇତି ମ୍ୟାନେଜିଂ ଟ୍ରଷ୍ଟି ଓ ଅନ୍ତରୀକ୍ଷ ପତ୍ରିକାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ଙ୍କ ତତ୍ତ୍ୱାବଧାନରେ ଏକ ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ପ୍ରାକ୍ତନ ସରକାରୀ ଯନ୍ତ୍ରୀ ବିଶିଷ୍ଟ ନାଟ୍ୟକାର ବସୁଦେବ ସାମଲ ଙ୍କ ପୌରହିତ୍ୟରେ କଣାସ ଅଧକ୍ଷ ସ୍ୱନାମଧନ୍ୟ ଖ୍ୟାତନାମା ଔପନ୍ୟାସିକ ଗାଳ୍ପିକ ସୁନୀଲ ମିଶ୍ର ମୈତ୍ରେୟ ମୁଖ୍ୟ ଅତିଥି , ପ୍ରାକ୍ତନ ଉପୁନା ନିର୍ଦ୍ଦେଶକ ମୀନକେତନ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେବା ସହିତ ,ବରେଣ୍ୟ ଅତିଥି ଶିକ୍ଷାବିତ୍ ଶଶଧର ପଣ୍ଡା , ପ୍ରାକ୍ତନ ଜଳ ନିଗମ ନିର୍ଦ୍ଦେଶକ ଗଙ୍ଗାଧର ବେହେରା , ପ୍ରାବନ୍ଧିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ମଞ୍ଚ ମଣ୍ଡନ କରିବା ସହିତ ସାହିତ୍ୟ , ସଂସ୍କୃତି ବିଷୟରେ ବହୁ ଉପାଦେୟ ତଥ୍ୟ ନିଜ ନିଜ ବକ୍ତବ୍ୟରେ ରଖିଥିଲେ । ସଭା ସଂଯୋଜନା କରିଥିଲେ ଆକାଶ ବାଣୀ କଟକ କେନ୍ଦ୍ରର ବରିଷ୍ଠ ଉଦ୍ଘୋଷକ ଚିତ୍ତ ରଂଜନ ମହାନ୍ତି , ଅଧ୍ୟାପିକା , କବି ସ୍ମିଗ୍ଧା ନାୟକ ସଭାର ସମସ୍ତ ଗୁରୁ ଦାୟୀତ୍ୱ ନିର୍ବାହ କରିବା ସହିତ ଜଗତସିଂହପୁର ମାଟିର ଗର୍ବ ଓ ଗୌରବ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଭା ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ଙ୍କୁ ଅନ୍ତରୀକ୍ଷ ତରଫରୁ ସମ୍ବରଧିତ କରାଯିବା ସହିତ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା ଏହି କବିତା ଆସରରେ ବିଶିଷ୍ଟ କବି ଚିନ୍ତାମଣି ମହାଳିକ କବିତା ସଂଯୋଜନା କରିଥିଲେ ଓ ଡକ୍ଟର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସାହିତ୍ୟ , ସଂସ୍କୃତି ରେ ନିଜର ପ୍ରତିଭା ବିକାଶ କରିଥିବା ପ୍ରତିଭା ଧାରି ମାନଙ୍କୁ ସମ୍ବାର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭ ଓ ମଧ୍ୟାର୍ଦ୍ଧ ରେ କୁନି ନୃତ୍ୟାଙ୍ଗନା ଅର୍ପିତା ଜେନା ଓ ରୋଜାଲିନ ମଲ୍ଲିକ ନୃତ୍ୟ ପରିବେଷଣ କରିଥିଲେ। ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପତିତପାବନ ଯୁବ ପରିଷଦ ପକ୍ଷରୁ ପ୍ରସ୍ତୁତି ବୈଠକ

ବାସୁଦେବପୁର, ୦୪/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନ ପୁର ଗ୍ରାମ ପଞ୍ଚାୟତର ସୁଆଁ ଠାରେ ପତିତପାବନ ଯୁବ ପରିଷଦ ପକ୍ଷରୁ ରଜ ସଂକ୍ରାନ୍ତି ତଥା ରଜ ପର୍ବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରସ୍ତୁତି ବୈଠକରେ ସମାଜ ସେବୀ ତଥା ପୂର୍ବତନ ସରପଞ୍ଚ ରାଧା କିଶୋର ଦାସ, ଅଭୟ ନାୟକ, ମୁକେଶ ନାୟକ, ଇଞ୍ଜିନିୟର ରମେଶ ଚନ୍ଦ୍ର ବିଶ୍ୱାଳ, ଚିନ୍ମୟ ନାୟକ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ଚଳିତ ବର୍ଷ ଜୁନ୍ ମାସ ୧୩,୧୪ ଓ ୧୫ ତାରିଖ ତିନି ଦିନ ଧରି ରଜ ପର୍ବ ଅନୁଷ୍ଠିତ ହେବ। ଏହି ରଜରେ ନାଟକ ମଞ୍ଚସ୍ଥ ହେବ କହିବାକୁ ଲାଜ ଶୁଣିଲେ ପାପ। ଏହି ନାଟକର ନାଟ୍ୟକାର ହେଉଛନ୍ତି ଅଜୟ ସ ଓ ନିର୍ଦ୍ଦେଶକ ହେଉଛନ୍ତି ଚିନ୍ମୟ ନାୟକ। ସୁଆଁ, ଗୁଡ଼ ଓ ସୁଦର୍ଶନପୁର ଗ୍ରାମର ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିବେ ବୋଲି ଅନୁଷ୍ଠାନର ସଭାପତି ଓ ସମ୍ପାଦକ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ ବହୁ ସଂଖ୍ୟାରେ ସମସ୍ତ କଳା ସାହିତ୍ୟ ସଂସ୍କୃତି ପ୍ରେମୀ ବ୍ୟକ୍ତିତ୍ୱ ଓ ଗ୍ରାମବାସୀ ଜନ ସାଧାରଣ ଙ୍କୁ ଯୋଗ ଦେବା ପାଇଁ ଅନୁଷ୍ଠାନ ର ସଭାପତି, ସମ୍ପାଦକ ଓ ସଦସ୍ୟ ବିନମ୍ର ଅନୁରୋଧ ଜଣାଇଛନ୍ତି।

# ଓଡ଼ିଶାରେ ମୌସୁମୀ ପାଇଁ ସ୍ଥିତି ଭଲ ଅଛି: ଆଇଏମଡି ଡିଜି

ଭୁବନେଶ୍ୱର, ୦୪/୬ (ନି.ପ୍ର): ଓଡ଼ିଶାରେ ମୌସୁମୀ ପ୍ରବେଶକୁ ନେଇ କୌଣସି ପୂର୍ବାନୁମାନ ନାହିଁ। ଆଇଏମଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏବେ ଓଡ଼ିଶାରେ ମୌସୁମୀ ପାଇଁ ସ୍ଥିତି ଭଲ ଅଛି । ମାତ୍ର ଏଥର ଦେଶରେ ସାଧାରଣ ବୃଷ୍ଟିପାତରୁ କମ୍ ବୃଷ୍ଟିପାତ ହେବା ଆକଳନ କରାଯାଇଛି। ସେହିପରି ଉତର ଓଡ଼ିଶାରେ ବୃଷ୍ଟିପାତ କମ୍ ରହିପାରେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଜୟ ଦାବି କଲା...

ଅପରପକ୍ଷରେ, ଆମେରିକା ଭିତରେ ଏହି ଯୁଦ୍ଧକୁ ନେଇ ଦୁଇଟି ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ଆମେରିକାର ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ ସ୍ପଷ୍ଟ କରିଛି ଯେ ସାମରିକ ଆକ୍ରମଣର ବିକଳ୍ପ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ଏହି ସମୟରେ ଆମେରିକା ସଂସଦ ରାଷ୍ଟ୍ରପତି ଟ୍ରମ୍ପଙ୍କ ଯୁଦ୍ଧ କ୍ଷମତା ଉପରେ ଅଙ୍କୁଶ ଲଗାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ କରିଛି। ଏହି ପ୍ରସ୍ତାବ ଅନୁଯାୟୀ, ସଂସଦର ସ୍ପଷ୍ଟ ଅନୁମତି ବିନା ରାଷ୍ଟ୍ରପତି ଇରାନ ଭୂଖଣ୍ଡ ଉପରେ କୌଣସି ନୂତନ ଆକ୍ରମଣ କରିପାରିବେ ନାହିଁ। ଟ୍ରମ୍ପ ଏହା ଉପରେ ଭିଟୋ ପ୍ରୟୋଗ କରି ଏହି ପ୍ରସ୍ତାବକୁ ରଦ୍ଦ କରିପାରନ୍ତି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏହା ୱାସିଂଟନର ଆଭ୍ୟନ୍ତରୀଣ ରାଜନୈତିକ ମତଭେଦକୁ ପଦାରେ ପକାଇଛି।

## ବ୍ରିକ୍ସ ସମ୍ମିଳନୀର ଦ୍ୱିତୀୟ ଦିନ...

"ପ୍ରତିରୋଧ, ଅଭିନବତ୍ୱ, ସହଯୋଗ ଓ ସ୍ଥାୟୀ ବିକାଶ ପାଇଁ ପ୍ରସ୍ତୁତି" । ଏହା ଉପରେ ୧୧ଟି ଦେଶର ପ୍ରତିନିଧି ମତ ବିନିମୟ କରିଥିବା ବେଳେ, ଆଧୁନିକ ବିଜ୍ଞାନ ଓ କାରିଗରୀ କୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ, ବଜ୍ରପାତ, ଉପକୂଳ କ୍ଷୟ, ଦ୍ରୁତ ସହରୀକରଣ ଓ ପରିବେଶର ଅବକ୍ଷୟ ଉପରେ ବି ଆଲୋଚନା ହୋଇଛି । ଓଡ଼ିଶାରେ ଭୂସ୍ଖଳନ ମଧ୍ୟ ଏକ ସମସ୍ୟା ପାଲଟିଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

## ପୂର୍ବତନ ପ୍ରଶାସକ ଜଗନ୍ନାଥ ...

ଅସାଧାରଣ ସୃଜନଯାତ୍ରାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ତାଙ୍କ ଶେଷଇଚ୍ଛା ଅନୁସାରେ, ମରଶରୀରକୁ ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି ପରିବାର । ଏହା ଡାକ୍ତରୀଶିକ୍ଷା ଓ ଗବେଷଣାରେ ସହାୟକ ହେବ। ୧୯୩୬ ଏପ୍ରିଲ ୨୬ରେ ଜନ୍ମଗ୍ରହଣ କରିଥିବା ଜଗନ୍ନାଥ ପ୍ରସାଦ ଦାସ, ମାତ୍ର ୧୫ ବର୍ଷ ବୟସରେ 'ସ୍ତବକ' କବିତା ସଙ୍କଳନ ପ୍ରକାଶ କରି ନିଜ ସୃଜନଶୀଳତାର ପରିଚୟ ଦେଇଥିଲେ। ଡଗର, ଝଙ୍କାର, ଆସନ୍ତାକାଲି ପରି ପତ୍ରିକାରେ ତାଙ୍କ ଲେଖା ପାଠକଙ୍କୁ ମୁଗ୍ଧ କରୁଥିଲା। ସେ ଦେଶ-କାଳ-ପାତ୍ର, ପ୍ରଥମ ପୁରୁଷ ହେଉ ଅବା ପଟ୍ଟଚିତ୍ର ଉପରେ ଗବେଷଣା ଆଧାରିତ ପୁସ୍ତକ 'ପୁରୀ ପେଣ୍ଟିଙ୍ଗସ'। ପାଠକଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡ଼ିଥିବା ଜେପିଙ୍କ ବିୟୋଗ ଅନେକଙ୍କୁ ସ୍ତବ୍ଧ କରିଦେଇଛି । ଗୋଟିଏ ଜୀବନ, ଗୋଟିଏ ମଣିଷ, କିନ୍ତୁ ପରିଚୟ ଅନେକ । ଏଭଳି ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଜଗନ୍ନାଥ ପ୍ରସାଦ ଦାସ । ୧୯୫୮ରେ ସେ ବନିଥିଲେ ଆଇଏଏସ୍ ଅଧିକାରୀ । ୧୯୮୪ରେ ଆଇଏଏସ୍ ଛାଡ଼ି ସମ୍ପୂର୍ଣ୍ଣ ଭାବେ ସାହିତ୍ୟ ରଚନା ଓ ଗବେଷଣା ନିମଗ୍ନ ହୋଇଥିଲେ । ଯାହାତାଙ୍କୁ ଆଣିଦେଇଥିଲା ଦେଶ ବିଦେଶରୁ ଅନେକ ସମ୍ମାନ ଓ ସ୍ୱୀକୃତି । 'ଯେ ଯାହାର ନିର୍ଜନତା' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମି, 'ଆହ୍ନିକ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମି, 'ପରିକ୍ରମା' ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ଜେପି ଦାସ ।

## ଦିଲ୍ଲୀରେ ଭାଇଙ୍କ ସହ...

ଦଳୀୟ ଓ ରାଜନୈତିକ ମହଲରେ ଏଭଳି ଗୁଞ୍ଜରଣ ଭିତରେ ନବୀନ ଏବେ ଦିଲ୍ଲୀ ଗସ୍ତରେ। ଏହି ଗସ୍ତକୁ ନେଇ କର୍ମୀଙ୍କ ଠାରୁ ନେତାଙ୍କ ମଧ୍ୟରେ ନାନାଦି ଚର୍ଚ୍ଚା। ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପି ଶକ୍ତିଶାଳୀ ହେଉଛି ଓ ବିଜେଡି ଦୁର୍ବଳ ହେଉଛି। ୬ ଶହରୁ ଅଧିକ ଜିଲ୍ଲା ପରିଷଦ ଆସନ କବଜା କରିବାକୁ ବିଜେପି ରଣନୀତି କରୁଛି। ଏଭଳି ସ୍ଥିତିରେ ପଞ୍ଚାୟତସ୍ତରର ନେତା ବିଜେଡି ଠାରୁ ମୁହଁ ଫେରାଇଲେଣି। ସେହିଭଳି ଏକାଧିକ ନେତାଙ୍କୁ ବିଭୀଷଣ ଆଖ୍ୟା ଦେଇ ଦଳ ତଡୁଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଦଳକୁ କିଭଳି ସଙ୍ଗଠିତ ଓ ସୁରକ୍ଷିତ ରଖାଯାଇପାରିବ ତାହାକୁ ନେଇ ସୁପ୍ରିମୋ ଚିନ୍ତାରେ। ଦିଲ୍ଲୀରୁ ଫେରିବା ପରେ ନବୀନ କି ନିଷ୍ପତ୍ତି ନେଉଛନ୍ତି ତାହା ଉପରେ କର୍ମୀ ଓ ନେତାଙ୍କର ନଜର ରହିଛି।

## ଦେବାଶିଷ ସାମନ୍ତରାୟ...

ଦେବାଶିଷ ବିଜେଡି ଟିକେଟରେ ରାଜ୍ୟସଭାକୁ ଯାଇଥିଲେ। ମେ' ୨୫ରେ ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡ଼ି ଦେଇଥିଲେ। ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ। ତେଣୁ ବିଜେପି ତାଙ୍କୁ ଏହି ଉପନିର୍ବାଚନରେ ପ୍ରାର୍ଥୀ କରି ରାଜ୍ୟସଭାକୁ ପଠାଇବାର ଅଧିକ ସମ୍ଭାବନା ରହିଥିଲା। ବିଜେପିର ରାଜ୍ୟସଭା ପ୍ରାର୍ଥୀ ହେବା ପରେ କୃତଜ୍ଞତା ଜଣାଇଛନ୍ତି ଦେବାଶିଷ ସାମନ୍ତରାୟ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତ ଜଣାଉଛି। ମୋର କାର୍ଯ୍ୟକାଳ ଆଉ ୪ ବର୍ଷ ବାକି ଥିଲା। ତେଣୁ ମୋତେ ପଠାଇବାକୁ ନିଷ୍ପତ୍ତି ହୋଇଛି। କାଲି ମୁଁ ନାମାଙ୍କନ ଭରିବାର ସମ୍ଭାବନା ରହିଛି। ଦେବାଶିଷ ସାମନ୍ତରାୟ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହାରେ ବିଜେଡି ଟିକେଟରେ ତିର୍ତ୍ତୋଲ ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟରେ ବାରବାଟୀ-କଟକ ଆସନରୁ ବିଧାନସଭାକୁ ଯାଇଥିଲେ। ୨୦୧୯ରେ ସେ ଏହି ଆସନରେ ମହମ୍ମଦ ମୋକିମଙ୍କଠାରୁ ପରାସ୍ତ ହୋଇଯାଇଥିଲେ। ରାଜ୍ୟସଭା ଉପନିର୍ବାଚନ ଜୁନ୍ ୮ ହେଉଛି ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ତାରିଖ। ଜୁନ୍ ୯ରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ହେଉଛି ଜୁନ୍ ୧୧। ଜୁନ୍ ୧୮ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ସେହିଦିନ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ସନ୍ଧ୍ୟା ୫ଟାରୁ ଭୋଟ୍ ଗଣତି ହେବ ଓ ଫଳାଫଳ ଘୋଷଣା କରାଯିବ। ଯଦି ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ନଦିଅନ୍ତି ଅବା କେହି ସ୍ୱାଧୀନ ଭାବେ ପ୍ରାର୍ଥୀ ନ ହୁଅନ୍ତି, ତା'ହେଲେ ଭୋଟ୍ର ଆବଶ୍ୟକତା ପଡ଼ିବ ନାହିଁ ଏବଂ ଦେବାଶିଷ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହେବେ।

## କଂଗ୍ରେସ ପାଇଁ ...

ଅନ୍ୟପକ୍ଷରେ ଜୁନ ୮ରେ ହେବାକୁ ଥିବା ବୈଠକରେ ଇଣ୍ଡିଆ ବ୍ଲକର ବରିଷ୍ଠ ସଦସ୍ୟମାନେ ସାମିଲ ହେବେ। ସମ୍ବିଧାନ କ୍ଲବରେ ହେବାକୁ ଥିବା ଏହି ବୈଠକରେ ପ୍ରାୟ ୧୫ଟି ଦଳର ସଦସ୍ୟ ଯୋଗଦେଇ ଆଗାମୀ ରଣନୀତି ପ୍ରସ୍ତୁତ କରିବେ ବୋଲି ଜଣାପଡ଼ିଛି।

# ଏଏମ୍/ଏନଏସ୍ ଇଣ୍ଡିଆ ଦକ୍ଷ ଏକାଡେମୀ ଛାତ୍ରଙ୍କ ଓଡ଼ିଶା ସିଭିଲ୍ ସର୍ଭିସେସ୍‌ରେ ୪୯ ତମ ସ୍ଥାନ ହାସଲ

ପାରାଦୀପ, ୦୪/୬ (ନି.ପ୍ର): ପାରାଦୀପ ଗଡ଼ରେ ଅବସ୍ଥିତ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ ଦକ୍ଷ ଏକାଡେମୀର ଛାତ୍ର ରଶ୍ମି ରଞ୍ଜନ ବାରିକ ଓପିଏସସି ଦ୍ୱାରା ପରିଚାଳିତ ସମ୍ମାନଜନକ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ୪୯ ତମ ସ୍ଥାନ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ଏଏମ୍/ଏନଏସ୍ ଇଣ୍ଡିଆର ପ୍ରମୁଖ ସିଏସ୍ଆର ପଦକ୍ଷେପ 'ଦକ୍ଷ' ର ପରିବର୍ତ୍ତନକାରୀ ପ୍ରଭାବର ଏକ ପ୍ରମାଣ, ଯାହା ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ମାଗଣା, ଉଚ୍ଚମାନର କୋଚିଂ ମାଧ୍ୟମରେ ସଶକ୍ତ କରୁଛି । ଜଗତସିଂହପୁର ବାଲିକୁଦାର ବାସିନ୍ଦା ରଶ୍ମିଙ୍କ ଯାତ୍ରା ଦୃଢ଼ତା ଏବଂ ସ୍ଥିରତାକୁ ପ୍ରତିଫଳିତ କରୁଛି । ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ରଶ୍ମି ଲୋକ ସେବା ମାଧ୍ୟମରେ ସମାଜ ସେବା କରିବାର ଆକାଂକ୍ଷାକୁ ପୂରଣ କରିବା ପାଇଁ ଦକ୍ଷ ଏକାଡେମୀରେ ଯୋଗ ଦେଇଥିଲେ। ଅଭିଜ୍ଞ ଅଧାପକ ଏବଂ ପରାମର୍ଶଦାତାଙ୍କ ମାର୍ଗଦର୍ଶନରେ, ସେ ଶିକ୍ଷାଗତ ସହାୟତା, ରଣନୈତିକ ମାର୍ଗଦର୍ଶନ ଏବଂ ବ୍ୟକ୍ତିତ୍ୱ ବିକାଶ ସମ୍ପର୍କିତ ତାଲିମ ହାସଲ କରିଥିଲେ, ଯାହା ତାଙ୍କୁ ଏକାଗ୍ର ଏବଂ ଆତ୍ମବିଶ୍ୱାସୀ ରହିବାରେ ସାହାଯ୍ୟ କରିଥିଲା। ରଶ୍ମିଙ୍କ ଏହି ସଫଳତା ପାଇଁ, ଏଏମ୍/ଏନଏସ୍ ଇଣ୍ଡିଆର ଭୁବନେଶ୍ୱର କାର୍ଯ୍ୟାଳୟରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏଏମ୍/ଏନଏସ୍ ଇଣ୍ଡିଆ ଖଣି ଏବଂ ଷ୍ଟ୍ରାଟେଜିକ୍ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ମେହେଟା ତାଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ କମ୍ପାନୀର ସିଏସଆର ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ ଏବଂ ଗୁରୁକୁଳ ଫାଉଣ୍ଡେସନର ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ଶ୍ରୀ ସୂରଜ ମିଶ୍ର ଉପସ୍ଥିତ ଥିଲେ। କମ୍ପାନୀର ନେତୃମଣ୍ଡଳୀ ତାଙ୍କର ସଫଳତାକୁ ଜନ ସେବା ପ୍ରତି ଦୃଢ଼ତା, ସମର୍ପଣ ଏବଂ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଭାବରେ ପ୍ରଶଂସା କରିଥିଲେ। ରଶ୍ମି ନିଜ ସଫଳତା ବିଷୟରେ କହିଛନ୍ତି ଯେ, 'ମୁଁ ମୋ ପରିବାର, ପରାମର୍ଶଦାତା ଏବଂ ଦକ୍ଷ ଏକାଡେମୀର ପ୍ରେରଣାଦାୟକ ପରିବେଶ ପ୍ରତି ଗଭୀର ଭାବେ କୃତଜ୍ଞ। ଅନୁଷ୍ଠାନର ଢାଞ୍ଚାଗତ ଆଭିମୁଖ୍ୟ ଏବଂ ନିରନ୍ତର ପ୍ରୋତ୍ସାହନ ମୋର ସଫଳତା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେମାନଙ୍କ ମାର୍ଗଦର୍ଶନ ଏବଂ ସମର୍ଥନ ବିନା ଏହି ସଫଳତା ସମ୍ଭବପର ନଥିଲା।' ରଶ୍ମିଙ୍କୁ ଶୁଭେଚ୍ଛା ଜଣାଇ, ଏଏମ୍/ଏନଏସ୍ ଇଣ୍ଡିଆ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ଆଶୁତୋଷ ତେଲାଙ୍ଗ କହିଛନ୍ତି ଯେ, "ରଶ୍ମିଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହା ଦର୍ଶାଉଛି ଯେ ଦକ୍ଷ ଏକାଡେମୀ ଭଳି ଶିକ୍ଷାଗତ ପଦକ୍ଷେପ କିପରି ପ୍ରତିଭାବାନ ଯୁବକ ଯୁବତୀମାନଙ୍କ ପାଇଁ ଅସାଧାରଣ ସଫଳତା ହାସଲ କରିବାର ସୁଯୋଗ ସୃଷ୍ଟି କରିପାରିବ। ତାଙ୍କର ଏହି କୃତିତ୍ୱ ଅଗଣିତ ଆଶାୟୀ ପ୍ରାର୍ଥୀଙ୍କୁ ନିଜ ଉପରେ ବିଶ୍ୱାସ ରଖି ସ୍ୱପ୍ନ ପୂରଣ କରିବାକୁ ପ୍ରେରଣା ଯୋଗାଇବ। ଏହି ସଫଳତା ଏଏମ୍/ଏନ୍ଏସ୍ ଇଣ୍ଡିଆର ବ୍ୟାପକ ସୁଯୋଗ ସୃଷ୍ଟି, ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହନ, ଏବଂ ନିରନ୍ତର ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ଯୁବପିଢ଼ିଙ୍କୁ ସଶକ୍ତ କରିବା ପ୍ରତି କମ୍ପାନୀର ସଂକଳ୍ପକୁ ଆହୁରି ସୁଦୃଢ଼ କରିଛି।" ଗୁରୁକୁଳ ଫାଉଣ୍ଡେସନ୍‌ର ସହଯୋଗରେ ନଭେମ୍ବର ୨୦୨୫ରେ ପ୍ରତିଷ୍ଠିତ 'ଦକ୍ଷ ଏକାଡେମୀ' ଆଇଏଏସ୍, ଓଏଏସ୍, ବ୍ୟାଙ୍କିଙ୍ଗ, ରେଳବାଇ, ପ୍ରତିରକ୍ଷା, ଓଏସ୍ଏସ୍ସି, ଓଏସ୍ଏସ୍ଏସ୍ସି, ଓପିଏସ୍ସି ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଶୁଳ୍କ ପ୍ରଶିକ୍ଷଣ ପ୍ରଦାନ କରୁଛି। ଆଧୁନିକ ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଶିକ୍ଷା ସମ୍ବଳ ଏବଂ ଅଭିଜ୍ଞ ଅଧ୍ୟାପକମାନଙ୍କ ସହାୟତାରେ ପରିଚାଳିତ ଏହି ଏକାଡେମୀରେ ବର୍ତ୍ତମାନ ୨୦୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ଶିକ୍ଷା ଗ୍ରହଣ କରୁଛନ୍ତି। ପ୍ରଥମ ବର୍ଷ ମଧ୍ୟରେ ହିଁ ଏହି ଏକାଡେମୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି, ରଶ୍ମିଙ୍କ ଏହି ସଫଳତା ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଓ ସ୍ଥାନୀୟ ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ଏହାର ଲକ୍ଷ୍ୟର ଏକ ଗୌରବମୟ ଉଦାହରଣ।



# ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷମାନଙ୍କ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୦୪/୬ (ନି.ପ୍ର): ସମସ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମାନଙ୍କୁ ନେଇ ଗୁରୁବାର ବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସଡିସି ମାନଙ୍କର କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେବା ସହିତ ସମସ୍ତ ସୁବିଧା, ନିର୍ଦ୍ଦେଶନାମା ଓ କମିଟି ଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ଏହି ବୈଠକ ପରେ ଏସଡିସି ଅଧକ୍ଷମାନଙ୍କର କାର୍ଯ୍ୟ ଧାରା ଆଗକୁ ବଢ଼ିବ ଏବଂ ଜିଲ୍ଲାର ବିକାଶରେ ସମସ୍ତଙ୍କର ନିଷ୍ଠା ଓ ଅବଦାନ ରହି ଜନସାଧାରଣଙ୍କ ମଙ୍ଗଳସାଧନ ହେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ରାତି ଅଧିଆ ବିଜେପି ସଭାପତିଙ୍କ ଉପରକୁ ଆକ୍ରମଣ ଘଟଣା: ଦୀର୍ଘ ଦେଢ଼ ମାସ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ: ୫ ଫେରାର

ଜଳେଶ୍ୱର, ୦୪/୬ (ନି.ପ୍ର): ୱାଟସଆପ୍ ଗ୍ରୁପ୍ ପୋଷ୍ଟକୁ କେନ୍ଦ୍ର କରି ରାଇବଣିଆ ମଣ୍ଡଳ ବିଜେପି ସଭାପତି ସଂଜୀବ ଜେନାଙ୍କ ଘର ଉପରକୁ ହୋଇଥିବା ରାତି ଅଧିଆ ଆକ୍ରମଣ ଘଟଣାରେ ସଫଳତା ପାଇଛି ପୋଲିସ।ଆକ୍ରମଣ କରି ଦୀର୍ଘ ଦେଢ଼ ମାସରୁ ଅଧିକ ସମୟ ଧରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ରାଜେଶ ଘୋଷଙ୍କୁ ଶେଷରେ ଜେଲ୍ ହାଜତକୁ ପଠାଯାଇଛି। କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରି ଆସନ୍ତା ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଗତ ମାର୍ଚ୍ଚ ୨୩ ତାରିଖ ବିଳମ୍ବିତ ରାତିରେ ଏକ ସୋସିଆଲ ମିଡିଆ (ୱାଟସଆପ୍) ପୋଷ୍ଟକୁ ନେଇ ସ୍ଥାନୀୟ ଗ୍ରାମର କିଛି ଯୁବକ ଉତକ୍ଷିପ୍ତ ହୋଇ ବିଜେପି ସଭାପତି ସଂଜୀବ ଜେନାଙ୍କ ଘର ଉପରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ କେବଳ ଭଙ୍ଗାରୁଜା କରିନଥିଲେ,ବରଂ ସଂଜୀବଙ୍କ ସମେତ ତାଙ୍କ ସମ୍ପୂର୍ଣ୍ଣ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ମଣ୍ଡଳ ସଭାପତିଙ୍କ ମା' ରାଇବଣିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନମ୍ବର ୪୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆକ୍ରମଣ ପରଠାରୁ ଗିରଫଦାରୀ ଏଡ଼ାଇବା ପାଇଁ ମୁଖ୍ୟ ଅଭିଯୁକ୍ତ ରାଜେଶ ଘୋଷ ଦୀର୍ଘ ଦୁଇ ମାସ ଧରି ପେଶାଦାର ଅପରାଧୀଙ୍କ ଭଳି ଫେରାର ଥିଲେ। ସେ ଆଗୁଆ ଜାମିନ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗତ ୨୩/୦୫/୨୦୨୬ ରିଖରେ ସେ ଜିଲ୍ଲା କୋର୍ଟରେ ଆତ୍ମସମର୍ପଣ କରି ଜାମିନ ଆବେଦନ କରିଥିଲେ। ମାତ୍ର ଅପରାଧର ଗୁରୁତ୍ୱକୁ ଦୃଷ୍ଟିରେ ରଖି ମାନ୍ୟବର କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ଜୁନ୍ ୧୨ ପର୍ଯ୍ୟନ୍ତ ଜେଲ୍‌କୁ ପଠାଇ ଦେଇଛନ୍ତି। ଏହି ବର୍ବରୋଚିତ ଆକ୍ରମଣରେ ରାଜେଶଙ୍କ ସହ ସାମିଲ ଥିବା ଅନ୍ୟ ୫ ସହଯୋଗୀ ଭାଗବତ ମୋହନ ଜେନା,ସୁଶାନ୍ତ ଘୋଷ, ଭାଗିରଥି ମାନ୍ନା, ପ୍ରଦୀପ ଘୋଷ, ସୁମନ୍ତ ଗାଣ୍ଡି ଏମାନେ ସମସ୍ତେ ଏବେ ବି ପୋଲିସ ଆଖିରେ ଧୂଳି ଦେଇ ଫେରାର ଅଛନ୍ତି। ରାଇବଣିଆ ପୋଲିସ ଏହି ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।ଜଣେ ଗିରଫ ହେବା ପରେ ଅନ୍ୟମାନେ ଖୁବ୍ ଶୀଘ୍ର ଆଇନ ଜାଲରେ ଛନ୍ଦି ହେବେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ



ବାଲେଶ୍ୱର , ୦୪/୬ (ନି.ପ୍ର): ସମଗ୍ର ଓଡ଼ିଶାରେ ପ୍ରଥମକରି ରାଜଧାନୀ ଭୁବନେଶ୍ୱରରେ ଗଠନ ହୋଇ ରେଜେଷ୍ଟ୍ରି ଭୁକ୍ତ ହୋଇଥିବା ସାମାଜିକ ସଙ୍ଗଠନ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)'ର ବାଲେଶ୍ୱର ଜିଲ୍ଲା ଶାଖାର ସାଙ୍ଗଠନିକ ବୈଠକ ୩ ତାରିଖ ପୂର୍ବାହ୍ନରେ ସହରସ୍ଥ ମଟର ୟୁନିୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଶାଖାର ସଂପାଦକ ମନମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଶାଖାର ଉପସଭାପତି ଅର୍ଜୁନ ଚରଣ ସାମନ୍ତରାୟ ଯୋଗଦେଇ ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ଗଠିତ ଏହି ରାଜ୍ୟ ସ୍ତରୀୟ ସଙ୍ଗଠନର ବାଲେଶ୍ୱର ଜିଲ୍ଲା ଶାଖାକୁ ପୁର୍ନଗଠିତ କରି କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ଦିଗରେ ବିଶେଷ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ କରି ଖୋଲାଯାଉଥିବା ଶତାଧିକ ମଦ ଦୋକାନ ସହ ପ୍ରତି ଅଞ୍ଚଳରେ ଅବାଧ ମଦ କାରବାର ଫଳରେ ନିଶାଡ଼ିଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧିପାଇ ନାନା ଦୁର୍ଘଟଣା ଘଟିବା ସହ ଜନଜୀବନ ଦୁର୍ବିସହ ହୋଇପଡୁଛି। ଏତେବେଳେ ନିଶା ମୁକ୍ତ ଓଡ଼ିଶା ଗଠନ ସମସ୍ତଙ୍କ ପାଇଁ ଏକ ଆହ୍ୱାନରେ ପରିଣତ ହୋଇଛି । ଦଳମତ ଉର୍ଦ୍ଧ୍ୱରେ ଓଡ଼ିଶା ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ମତପୋଷଣ କରିଥିଲେ। ବୈଠକରେ ମୟୂରଭଞ୍ଜ ଜିଲ୍ଲା ଶାଖାର ସଂପାଦିକା ମାଧବୀ ସେନାପତିଙ୍କ ସମେତ ଡ. କାଳୀପଦ ପଣ୍ଡା, ଅଶୋକ କୁମାର ଜେନା, ସାଧୁଚରଣ ମଲ୍ଲିକ, ବିଜୟ କୁମାର ପାତ୍ର, ନିରଞ୍ଜନ ବେହେରା, ଷ୍ଟାଲିନ୍ ମିଶ୍ର, ପ୍ରଫୁଲ୍ଲ କୁମାର ପାତ୍ର, ସନାତନ ମହାନ୍ତି, ଅମରେନ୍ଦ୍ର ନାୟକ, ବୈଦ୍ୟନାଥ ମୁର୍ମୁ, ମୀନକେତନ ବେହେରା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ସାଗେନ ମାଝି, ଗଣେଶ ହେମ୍ବ୍ରମ, ହରିଶ ନନ୍ଦ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅତିଶୀଘ୍ର ବାଲେଶ୍ୱର ଜିଲ୍ଲା ଶାଖାକୁ ପୁର୍ନଗଠନ କରି ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବା ସହ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ ବର୍ତ୍ତମାନ ପାଇଁ ଜିଲ୍ଲା ଶାଖାର ଯୁଗ୍ମଆବାହକ ଭାବେ ଡ. କାଳୀପଦ ପଣ୍ଡା ଓ ଶ୍ରୀ ଆଶୋକ ଜେନାଙ୍କୁ ସର୍ବସମ୍ମତି ଭାବେ ମନୋନୀତ କରାଯାଇଥିଲା।

# ଶେରଗଡ - ନୀଳଗିରି - ଝରଣାଘାଟି ପିଚୁରାସ୍ତାରେ ଗଛଯୋଗୁଁ ଗଲାଣି ୫ ଜୀବନ: ସାମାଜିକ କର୍ମୀଙ୍କ ଧାରଣା ପାଇଁ ଚେତାବନୀ

ନୀଳଗିରି , ୦୪/୬ (ନି.ପ୍ର): ଶେରଗଡ - ନୀଳଗିରି - ଝରଣାଘାଟି ରାଜ୍ୟ ରାଜପଥ - ୧୯ ର ଚାରିଟିକିଆ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଶେଷ ପର୍ଯାୟରେ ପହଞ୍ଚିଥିବା ବେଳେ ଠିକାଦାର ରାସ୍ତାର ପିଚୁ କାର୍ଯ୍ୟ ଶେଷ ହୋଇଛି।ମାତ୍ର ଉକ୍ତ ରାସ୍ତା ମଝିରେ କିଛି କିଛି ଗଛ ରହିଯାଇଥିବାରୁ ଅନ୍ଧାର ରାତିରେ ଯାନ ବାହନ ଯୋଗେ ଯାତାୟାତ କରୁଥିବା ପଥଚାରୀ ମାନେ ମୃତ୍ୟୁମୁଖରେ ପଡୁଛନ୍ତି।ଏ ଭଳି ସମ୍ବେଦନଶୀଳ ଘଟଣା ପାଇଁ ସମାଜ ସେବୀ ତଥା ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି ସମସ୍ୟା ସମାଧାନ ନ ହେଲେ ଧାରଣାରେ ବସିବେ ବୋଲି ନୀଳଗିରି ରେଞ୍ଜ ଅଧିକାରୀଙ୍କ ମାଧ୍ୟମରେ ଡି.ଏଫ୍.ଓ.ବାଲେଶ୍ୱର ଙ୍କୁ ଅବଗତ କରିଛନ୍ତି। ବିବରଣୀ ଅନୁସାରେ, ରାଜ୍ୟ ରାଜପଥ -୧୯ ରେ ଯାନବହନ ଚଳାଚଳ ଗହଳିକୁ ଦୃଷ୍ଟିରେ ରଖି ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ର ପରାମର୍ଶ କ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୨୫ କୋଟି ଟଙ୍କାର ବ୍ୟୟବରାଦ ମଞ୍ଜୁର କରିଥିଲେ। ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ଅବଧି ଶେଷ ହେବା ସହ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ ପର୍ଯାୟରେ ପହଞ୍ଚିଥିବାବେଳେ ବନ ବିଭାଗ ଆଜି ପର୍ଯ୍ୟନ୍ତ ରାସ୍ତାମଝିରେ ଥିବା ଗଛ ଗୁଡ଼ିକୁ ଅପସାରଣ ବା କାଟି ନାହାନ୍ତି। ଏ ସମସ୍ତ କାର୍ଯ୍ୟପାଇଁ ସରକାରୀ ଭାବେ ଆଦେଶ ଓ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଏ ପରି କି, ପୋଡାଶୁଳ ବଜାର ଠାରୁ ଝରଣା ଘାଟି ପର୍ଯ୍ୟନ୍ତ ଦୀର୍ଘ ୨୩ କି. ମି. ରାସ୍ତା ମଧ୍ୟରେ ବହୁ ଗଛ ଗୁଡ଼ିକ ଦଣ୍ଡାୟମାନ ଅବସ୍ଥାରେ ରହିଛି।ଯାହାଫଳରେ ଗଛଗୁଡ଼ିକ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଅଧିକାଂଶ ସମୟରେ ପଥଚାରୀମାନେ ଯାନବାହନ ଯୋଗେ ଯାତାୟାତ ବେଳେ ଗଛମାନଙ୍କରେ ଧକ୍କା ହୋଇ ଧନଜୀବନ ହାନି ଘଟୁଛି। ବାଲେଶ୍ୱର ଜିଲ୍ଲା ବନ ବିଭାଗ ଏଥି ପ୍ରତି ଦୃଷ୍ଟି ନ ଦେଇ ଅଣଦେଖା କରୁଥିବାରୁ ନୀଳଗିରିର ସାମାଜିକ କର୍ମୀ ତଥା ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି ବାଲେଶ୍ୱର ଡି.ଏଫ୍.ଓ.ଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏ ସଂପର୍କରେ ଓଡ଼ିଶାସରକାରଙ୍କ ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଜିଲ୍ଲାପାଳ, ବାଲେଶ୍ୱର,ଏସ. ପି.ବାଲେଶ୍ୱର, ମୁଖ୍ୟ ଯନ୍ତ୍ରୀ , ରାସ୍ତା ଓ ଗୃହ ନିର୍ମାଣ ବିଭାଗ,ବାଲେଶ୍ୱର ଏବଂ ନୀଳଗିରି ଉପଜିଲ୍ଲାପାଳ ଙ୍କୁ ଅବଗତ କରାଯାଇଛି।ଆସନ୍ତା୧୫ଦିନ ମଧ୍ୟରେ ଏଦିଗରେ ବିଭାଗୀୟ ପଦାଧିକାରୀ ଆଶୁ ସମାଧାନ ଉପରେ ବିହିତ ପଦକ୍ଷେପ ନ ନେଲେ ବାଧ ହୋଇ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଶୁକ୍ରବାର, ଜୁନ୍ ୦୫, ୨୦୨୬

# ଧ୍ୱନି ପ୍ରତିଧ୍ୱନି

## ଅନ୍ୱେଷଣ ତରଫରୁ ପ୍ରସୂତୀ ଓ ଗର୍ଭବତୀ ମା' ମାନଙ୍କୁ ପୁଷ୍ଟିକର ଖାଦ୍ୟ କିଟ୍ ବଂଟନ

ଉଦଳା, ୦୪/୬ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ ଅନ୍ୱେଷଣ ତରଫରୁ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଓ ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ପଂଚାୟତ ମାନଙ୍କରେ ଥିବା ପ୍ରସୂତୀ ଓ ଗର୍ଭବତୀ ମା' ମାନଙ୍କୁ ପୁଷ୍ଟିକର ଖାଦ୍ୟ କିଟ ବଂଟନ ସହିତ ସ୍ୱାସ୍ଥ୍ୟରକ୍ଷା, ପୁଷ୍ଟିକର ଖାଦ୍ୟ ଗ୍ରହଣ, କିଚେନ ଗାର୍ଡ଼େନ ପ୍ରସ୍ତୁତି ଆଦି ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇ ଯାଇଛି । କପ୍ତିପଦା ବ୍ଲକର ଶରତ, ନ୍ଧେଙ୍କ, ସରଡ଼ିହା, ରାଣୀପୋଖରୀ, କଳମଗଡ଼ିଆ ଓ ଠାକୁରମୁଣ୍ଡା ବ୍ଲକର ଚମ୍ପାଝର ଓ ଜରକ ପଂଚାୟତର ପ୍ରାୟ ଏକହଜାର ହିତାଧିକାରୀଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଅଛି । ଅନ୍ୱେଷଣ ଦ୍ୱାରା କାର୍ଯ୍ୟକାରି ହେଉଥିବା 'ବାଳିକା ସୁରକ୍ଷା ଜଗତ ରକ୍ଷା' ପ୍ରକଳ୍ପ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ସି.ଆର.ଏନ୍.ଆଇ. ସ୍ୱିଜରଲାଣ୍ଡର ଆର୍ଥିକ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୱେଷଣର ସଂପାଦକ ଶ୍ରୀନାଥ ପ୍ରଧାନ, ପୋଷାଧକ୍ଷ ଗଜେନ୍ଦ୍ର ବେହେରା, ସଂଯୋଜକ ରଶ୍ମି ରଂଜନ ବେହେରା, ବିକାଶ କର୍ମି ବଂଶୀଧର ବେହେରା, କେଦାରନାଥ ମହାନ୍ତି ପ୍ରମୁଖ ବିଭିନ୍ନ ପଂଚାୟତ ଗ୍ରାମ ମାନଙ୍କୁ ଯାଇ




ଖାଦ୍ୟ କିଟ ବଂଟନ ସାଙ୍ଗକୁ ସଚେତନ କାର୍ଯ୍ୟକ୍ରମ ମାନ ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଭିନ୍ନ ପଂଚାୟତରେ ଥିବା ଅଙ୍ଗନୱାଡ଼ି କର୍ମି, ସ୍ଥାନୀୟ ପଂଚାୟତ ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତା ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କର୍ମି ମାନେ ସହଯୋଗ କରିଥିଲେ ।

## ବଣସୀମାରେ ମୋରମ ମାଫିଆଙ୍କ ରାଜ : କୋଟିକୋଟି ରାଜସ୍ୱ ହରାଉଛି ରାଜ୍ୟ ସରକାର

ନୀଳଗିରି , ୦୪/୬ (ନି.ପ୍ର): ନୀଳଗିରି ବଣସୀମା ଅଞ୍ଚଳରେ ମୋରମ ମାଫିଆଙ୍କ ରାଜ ସୀମାଟପିଛି । ଯିଏ ଯେଉଁଠି ପାରିଲା ତାଡ଼ିଲେ ଓ ବିକିଲେ । ଉକ୍ତ ସ୍ଥାନଟି ସରକାରୀ ହେଉ କିମ୍ବା ବେସରକାରୀ ମୋରମ ତାଡି ଚୋରାରେ ରାତିସାରା ଟ୍ରକ୍ ଟ୍ରକ୍ ମୋରମ ଚୋରାଚାଲାଣ କରିଛନ୍ତି ।ରାତି ୩ବାଜିଲେ ବନ୍ଦକରି ଦେଉଥିବାର ଅଭିଯୋଗ ଉଠିଛି । ମୋରମ ମାଫିଆମାନେ ଏପରି ତାଡୁଛନ୍ତି ଯେ କୁରିକୁରି ପାତାଳ ପହଞ୍ଚେଇ ଦେଉଛନ୍ତି । ଦିନବେଳେ ମାଫିଆମାନେ ଦିନ ସାରା ଘୁଙ୍ଗୁଡ଼ି ମାରୁଥିବା ବେଳେ ରାତିଲେ ହେଲେ ଜେସିବି ଟ୍ରକ୍ ଲଗାଇ ମୋରମ ବହି ନେଉଛନ୍ତି । ରାଜସ୍ୱ ବିଭାଗ ଓ ଖଣି ବିଭାଗ ଏସି ରୁମରେ ରହି ଘୁଙ୍ଗୁଡ଼ି ମାରୁଥିବା ବେଳେ ମାଫିଆ ମାନେ ପ୍ରତ୍ୟେକ ଛକ ଜାଗାରେ ଲୋକ ରଖି ହ୍ୱାଟସପ ମେସେଜରେ ଖବର ଦେଇ ଖଣି ଲୁଟ୍ କରିଚାଲିଛନ୍ତି । ଯାହାଫଳରେ ଲକ୍ଷଲକ୍ଷ ଟଙ୍କା ହାନି ଘଟୁଛି । ମାଫିଆଙ୍କ ପଛରେ ପ୍ରଶାସନର ହାତ ନା ରାଜନୈତିକ ଦଳର ହାତ ତାହା ତଦନ୍ତ ସାପେକ୍ଷ । ରାଜ୍ୟ ସରକାର ଖଣି ଗୁଡ଼ିକୁ ନିଲାମ କିମ୍ବା ଲିଜ ଦେଲେ କୋଟିକୋଟି ଟଙ୍କା ରାଜସ୍ୱ ଆଦାୟ ହୋଇପାରନ୍ତା ବୋଲି ଚର୍ଚ୍ଚା ହେଉଛି । ତହସିଲ ହାତରୁ ଖାଦାନ ଗୁଡ଼ିକ କାଢି ନେଇ ଖଣି ବିଭାଗକୁ ପ୍ରଦାନ କରିବା ଓ ଖଣି ବିଭାଗର କର୍ମଚାରୀ ଅଭାବ ଯୋଗୁଁ ମାଫିଆ ମାନେ ସକ୍ରିୟ ହୋଇ ଉଠିଥିବାର ଦେଖାଯାଇଛି । ରାଜସ୍ୱ ବିଭାଗ କିମ୍ବା ଖଣି ବିଭାଗ ରାତିରେ ଯାଞ୍ଚ କରୁନଥିବାରୁ ମାଫିଆ ମାନେ ସେମାନଙ୍କର ବେପାରର ପସରା ମେଲାଇ ଚାଲିଛନ୍ତି ବେଳେବେଳେ ପୋଲିସ ବିଭାଗ ଚୋରା ଗାଡି ଗୁଡ଼ିକୁ ଜବତ କରୁଥିବା ବେଳେ ଖଣି ବିଭାଗ ମୋଟା ଅଙ୍କରେ ଫାଇନ କାଟିବା ପରିବର୍ତ୍ତେ ଛୋଟଛୋଟ ଫାଇନ କାଟି ଛାଡ଼ି ଦେଉଥିବାରୁ ମାଫିଆ ମାନଙ୍କର ସାହାସ ବଢ଼ିଚାଲିଛି । ଖଣି ବିଭାଗ ମଧ୍ୟ ମାଫିଆ ମାନଙ୍କ ଠାରୁ ମୋଟା ଅଙ୍କରେ ଚାନ୍ଦା ନେଇ ସେମାନଙ୍କୁ ସାହାସ ଯୋଗାଉଥିବାର ଅଭିଯୋଗ ହେଉଛି । ମାଫିଆ ମାନେ ମୋରମ ଓ ପଥର ତାଡି ଶହଶହ ଫୁଟ ଗଭୀର କରିଦେଇଥିବାରୁ ଜଙ୍ଗଲି ଜନ୍ତୁ ମାନେ ସେହି ଗାତରେ ପଡ଼ି ମୃତ୍ୟୁ ହେଉଥିବାର ଅଭିଯୋଗ ଉଠିଛି । ରାଜ୍ୟ ସରକାର ବେଳହୁଁ ସାବଧାନ ନହେଲେ ଯେଉଁଭଳି ଭାବେ ଲଘୁଖଣିଜ ଜାତ ଦ୍ରବ୍ୟ ଚୋରା ଚାଲାଣ ଚାଲିଛି ସନ୍ତୁଳନ ଅବସ୍ଥା ସମ୍ପୂର୍ଣ ବିଗିଡିଯିବର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ନୀଳଗିରି ଲଘୁଖଣିଜର ସ୍ଥିତା ବ୍ୟବସ୍ଥା କେବଳ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ । ଏହାର ଉତ୍ତରଦାୟୀ କିଏ ରହିବ ଆଗାମୀ ପିଢି ବିଚାର କରିବା ?

## ଆଗାମୀ ୨୪ ଘଂଟା ପାଇଁ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୦୪/୬ (ନି.ପ୍ର): ଗରମ ଓ ଗୁଳୁଗୁଳି ନେଇ ଆଗାମୀ ୫ ଦିନ ଅର୍ଥାତ୍ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଗରମ ଓ ଗୁଳୁଗୁଳି ନେଇ ଆଗାମୀ ୨୪ ଘଂଟା ପାଇଁ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଢ଼େଙ୍କାନାଳ, ନୟାଗଡ଼, ଅନୁଗୁଳ, ବୌଦ୍ଧ, ଗଞ୍ଜାମ, ଗଜପତି, ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗିର, କଳାହାଣ୍ଡି ।

## ବାରିପଦାରେ ଏସ୍ଆଇଆର- ୨୦୨୬ ସଚେତନତା ରଥର ଶୁଭାରମ୍ଭ

ବାରିପଦା, ୦୪/୬ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମକୁ ନେଇ ଜନସଚେତନତା ବୃଦ୍ଧି ଏବଂ ମତଦାତାଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ବାରିପଦା ଉପ-ଜିଲ୍ଲାପାଳ ତଥା ବାରିପଦା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀମତୀ କସ୍ତୁରୀ ପଣ୍ଡା ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ- ୨୦୨୬ ଅନ୍ତର୍ଗତ ଏକ ନିର୍ଭୁଲ, ଅଦ୍ୟତନ ଓ ସର୍ବସମାବେଶୀ ମତଦାତା ତାଲିକା ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ । ଏହି ଉଦ୍ଦେଶ୍ୟରେ ସଚେତନତା ରଥ ବାରିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ




ଓ ଗ୍ରାମାଞ୍ଚଳ ପରିଭ୍ରମଣ କରି ମତଦାତା ତାଲିକା ସଂଶୋଧନ ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବ । ରଥ ମାଧ୍ୟମରେ ମତଦାତା ତାଲିକାରେ ନାମ ସଂଯୋଜନ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତରଣ ସମ୍ପର୍କିତ ସୂଚନା ପ୍ରଚାର କରାଯିବା ସହିତ ମତଦାତାମାନଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ସହଯୋଗ ପାଇଁ ଉତ୍ସାହିତ କରାଯିବ । ଏହାସହ ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମରେ ସହଯୋଗ କରି ଏକ ନିର୍ଭୁଲ ଓ ବିଶ୍ୱସନୀୟ ମତଦାତା ତାଲିକା ପ୍ରସ୍ତୁତିରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଅନୁରୋଧ କରାଯାଇଛି ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହାୟତାରେ ଫେରିଲା ମୃତଦେହ

ଭୁବନେଶ୍ୱର, ୦୪/୬ (ନି.ପ୍ର): ସୋସିଆଲ ମିଡିଆ "ଏକ୍ସ"ରେ ଜଣେ ଅସହାୟ ଓଡ଼ିଆ ପରିବାରର ଅନୁରୋଧ ପାଇବା ମାତ୍ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ତତ୍ପର ହସ୍ତକ୍ଷେପ ଫଳରେ ମୃତ ଦେହ ଓଡିଶା ଫେରିପାରିଛି । ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ସିଲେଟପଡ଼ା ଗ୍ରାମର ୨୬ ବର୍ଷୀୟ ଯୁବକ ଶ୍ରୀ ଦେବେନ୍ଦ୍ର ସୁନା ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ ଏବଂ ଅସୁସ୍ଥତା କାରଣରୁ ବେଙ୍ଗାଲୁରୁର ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁବରଣ କରିଥିବା ବଲାଙ୍ଗୀରର ଯୁବକ ଦେବେନ୍ଦ୍ର ସୁନାଙ୍କ ପରିବାରକୁ ହସ୍ପିଟାଲ କର୍ତ୍ତୃପକ୍ଷ ବକେୟା ବିଲ୍ ଜମା କରିବା ପାଇଁ କହିଥିଲେ ।

## ଆମ୍ ଆଦମୀ ପାର୍ଟିର ବାଲେଶ୍ୱର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୦୪/୬ (ନି.ପ୍ର): ଆମ୍ ଆଦମୀ ପାର୍ଟିର ରାଜ୍ୟ ସଭାପତି ଶ୍ରୀ ନିଶିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲାର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ବାଲେଶ୍ୱର ଠାରେ ଆଗାମୀ ଜୁନ୍ ୧୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି । ଜୁନ୍ ୧ ତାରିଖ ଠାରୁ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଦଳରେ ଅଧିକରୁ ଅଧିକ ସଦସ୍ୟ ଯୋଡିବା ନିମନ୍ତେ ଅଭିଯାନ ଜାରି ରହିବ । ଜୁନ୍ ୧୧ ତାରିଖରେ ସମସ୍ତ ୱାର୍ଡର ନୂଆ ଏବଂ ପୁରୁଣା ସଦସ୍ୟଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକରେ ମ୍ୟୁନିସିପାଲିଟି ଏବଂ ପଞ୍ଚାୟତ ସ୍ତରରେ ଦଳୀୟ ସଂଗଠନକୁ




ପହଞ୍ଚାଇବା ନିମନ୍ତେ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯିବ । ଜୁନ୍ ମଧ୍ୟ ଭାଗରେ ଆସିବାକୁ ଥିବା କେନ୍ଦ୍ରୀୟ ଟିମ୍ ଦ୍ୱାରା ନିଯୁକ୍ତ ସହ ପ୍ରଭାରୀଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ ଯୋଜନାକୁ କିପରି ସଫଳକାମୀ କରାଯାଇ ପାରିବ ସେଥି ନିମନ୍ତେ ଏହି ପ୍ରସ୍ତୁତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ । ସଦସ୍ୟ ଯୋଡ଼ ଅଭିଯାନକୁ ସଫଳ କରିବା ନିମନ୍ତେ ସମସ୍ତ କାର୍ଯ୍ୟକର୍ତ୍ତା ନିଜର ଅଧିକ ସମୟ ଓ ପରିଶ୍ରମ ବିନିଯୋଗ କରିବା ପାଇଁ ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀକାନ୍ତ କୁମାର ପାଣି ଏବଂ ଜିଲ୍ଲା ପ୍ରଭାରୀ ଲଳିତ ମୋହନ ଦାସଅଧିକାରୀ ଏବଂ ସଭାପତି କୁମାର ସ୍ୱର୍ଣ୍ଣ ଭାରତ ମଲ୍ଲିକ୍ ନିବେଦନ କରିଛନ୍ତି । ସମସ୍ତ ଗଣ ମାଧ୍ୟମ, ବିଭିନ୍ନ ସାମାଜିକ ଗଣମାଧ୍ୟମ ଏବଂ ପୋଷ୍ଟର ଓ ପ୍ରଚାର ପତ୍ର ମାଧ୍ୟମରେ ଏହି ସଦସ୍ୟତା ଅଭିଯାନକୁ ବ୍ୟାପକ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## 'ମୋ ଗାଁ ମୋ ତହସିଲ' ଅନ୍ତର୍ଗତ ରାଜସ୍ୱ ମହାସମାଧାନ ଶିବିର ଅନୁଷ୍ଠିତ

ଭଦ୍ରକ , ୦୪/୬ (ନି.ପ୍ର): ବାସୁଦେବପୁର ବନ୍ତ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ "ମୋ ଗାଁ ମୋ ତହସିଲ" କାର୍ଯ୍ୟକ୍ରମ ଅନ୍ତର୍ଗତ ବାସୁଦେବପୁର ତହସିଲ ଅଧୀନ ତେନ୍ତୁଳିଆ ଗ୍ରାମ ପଞ୍ଚାୟତ ଓ ବନ୍ତ ତହସିଲ୍ ଅଧିନ ଛୁଆଳସିଂଗ ଗ୍ରାମ ପଂଚାୟତରେ ଏକ ରାଜସ୍ୱ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ରାଜସ୍ୱ ସେବା ଯୋଗାଇ ଦିଆଯାଇଥିଲା । ଆର.ଓ.ଆର.ର ୨ ଖାନା ସଂଶୋଧନ ପାଇଁ ଦରଖାସ୍ତ ଗ୍ରହଣ, ସଂଶୋଧିତ ନୂତନ ପଟ୍ଟା ବଣ୍ଟନ, ବସୁନ୍ଧରା ଯୋଜନା ଅଧୀନରେ ଆବେଦନ ଗ୍ରହଣ, ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ ଓ ତାହାର ସମାଧାନ କରାଯାଇଥିଲା । ଏହା ସହିତ ଜମିଜମା ସମ୍ବନ୍ଧୀୟ ବିବାଦ, ରାଜସ୍ୱ ମାମଲା ଏବଂ ଅନ୍ୟାନ୍ୟ ଆବେଦନଗୁଡ଼ିକର ଶୁଣାଣି କରାଯାଇ ସମ୍ଭବପର ସ୍ଥଳେ ତୁରନ୍ତ ସମାଧାନ କରାଯାଇଥିଲା । ଶିବିରରେ ବହୁ ସଂଖ୍ୟକ ଲୋକ ଯୋଗଦେଇ ସରକାରଙ୍କ ବିଭିନ୍ନ ରାଜସ୍ୱ ସେବାର ସୁବିଧା ଗ୍ରହଣ କରିଥିଲେ । ସରକାରଙ୍କ ଏହି ଜନମୁଖୀ ପଦକ୍ଷେପ ମାଧ୍ୟମରେ ରାଜସ୍ୱ ସେବାକୁ ଗ୍ରାମାଞ୍ଚଳର ଲୋକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇବା ସହ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରାଯାଉଥିବା ବାସୁଦେବପୁର ଓ ବନ୍ତ ତହସିଲ ପକ୍ଷରୁ ପ୍ରକାଶ କରାଯାଇଛି ।

## ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ବିରୋଧରେ ବରିଷ୍ଠ ନାଗରିକଙ୍କ ଗଣଧାରଣା ଜୁନ୍୧୨ରେ

ବାଲେଶ୍ୱର, ୦୪/୬ (ନି.ପ୍ର): ଜିଲ୍ଲା ବରିଷ୍ଠ ନାଗରିକମାନେ ଆସନ୍ତା ୧୨ ତାରିଖ ଶୁକ୍ରବାର ଦିନ ସକାଳ ଆଠଟାରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣାରେ ବସିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବରିଷ୍ଠ ନାଗରିକମଞ୍ଚର କାର୍ଯ୍ୟକର୍ତ୍ତା ବୈଠକ ଗୁରୁବାରଦିନ ପୂର୍ବାହ୍ନରେ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ନିଆଯାଇଛି । ସରକାରଙ୍କ ପକ୍ଷରୁ ସମନ୍ୱିତ ବହୁମୁଖି ପ୍ରକଳ୍ପ (ଆଇ.ଆଇ.ସି) ପାଇଁ ମଞ୍ଜୁରୀ ମିଳିବାପରେ ଗତ ୨୦୧୯ ମସିହାରେ ରେମୁଣା ବ୍ଲକ୍ର ଦହପଡ଼ା ମୌଜାରେ ୨୦ ଏକର ପରିମିତ ଉନ୍ନତ ଯୋଜନା ଯୋଗ୍ୟଜମିକୁ ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଚିହ୍ନଟ କରି ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ନାମରେ ପଟ୍ଟାପ୍ରଦାନ କରାଯାଇଥିଲା । ବାଲେଶ୍ୱର ଜିଲ୍ଲା




ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବେ ଏହି ବହୁମୁଖି ପ୍ରକଳ୍ପକୁ ଦହପଡ଼ାରୁ ନୀଳଗିରିର ସଜନାଗଡ଼ ଜଙ୍ଗଲ ଅଞ୍ଚଳରେ ନିର୍ମାଣପାଇଁ ନିଷ୍ପତ୍ତି ନେଇଛନ୍ତି । ଜିଲ୍ଲା ପ୍ରଶାସନର ଏହି ଅପରିଣାମଦର୍ଶୀ ନିଷ୍ପତ୍ତିକୁ ବିରୋଧ କରି ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଲିଖିତଭାବେ ଜିଲ୍ଲା ପ୍ରଶାସନକୁ ଓ ରାଜ୍ୟ ସରକାରଙ୍କୁ ବହୁବାର ସ୍ମାରକପତ୍ର ଦିଆଯାଇଛି । ବାଲେଶ୍ୱର ସହର ନିକଟରେ ଦହପଡ଼ା ମୌଜା ଥିବାରୁ ଏହି ପ୍ରକଳ୍ପର ହିତାଧିକାରୀ ଓ ଅନ୍ତେବାସୀମାନେ ସରକାରୀ ଚିକିତ୍ସା ଓ ଗମନାଗମନର ସମସ୍ତ ସୁଯୋଗ ପାଇପାରିବେ ବୋଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି । ଏହି ବୈଠକରେ ସାଧାରଣ ସଂପାଦକ ଦାମୋଦର ନାୟକ ଆଲୋଚନାର ପ୍ରସଙ୍ଗ ଆଗତ କରିଥିଲେ । ସର୍ବଶ୍ରୀ ପ୍ରଦୀପ ଚାଟାର୍ଜୀ, ଗିରିଶ ଚନ୍ଦ୍ର ଦାଶ, କମଳାକାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ଅନୁସୂୟା ନାୟକ, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ଶତପଥୀ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ରନାଥ ଚୌଧୁରୀ, ରବିନାରାୟଣ ବେହେରା, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରକଳ୍ପ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଦହପଡ଼ାରେ ତୁରନ୍ତ ନିର୍ମାଣ ପାଇଁ ବୈଠକରେ ଦାବି କରାଯାଇଛି । ଜିଲ୍ଲାରେ ବହୁ ଦୁସ୍ଥ ବରିଷ୍ଠ ନାଗରିକଙ୍କୁ ଭତ୍ତା ପ୍ରଦାନ କରାଯାଉନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଖଇରା ଥାନାରେ ରାତି ଅଧିଆ ବାଲି, ପଥର ନିଲାମ: ୮ଲକ୍ଷ ଟଙ୍କାର ମାଲ ୪୦ ହଜାରରେ ଖଲାସ

ଖଇରା, ୦୪/୬ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଥାନାରେ ବର୍ଷ ବର୍ଷ ଧରି ଜବତ ହୋଇ ପଡିରହିଥିବା ବାଲି ପଥର ଓ ମାଙ୍କଡା ନିକଟରେ କୋର୍ଟ ନିର୍ଦ୍ଦେଶରେ ନିଲାମ କରାଯାଇଛି । ହେଲେ ଏହି ନିଲାମ ସରକାରୀ ଗାଇଡଲାଇନକୁ ଉଲ୍ଲଘଂନ କରି କରାଯାଇଥିବାରୁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇଛନ୍ତି । ସର୍ବସାଧାରଣରେ ଠିକ ଢଙ୍ଗରେ ନୋଟିସ କରି କରାଯାଇନଥିବାରୁ ଏବେ ସାଧାରଣରେ ଖଣି ଓ ପୋଲିସ ର କାର୍ଯ୍ୟ ସନ୍ଦେହ ସୃଷ୍ଟି କରିଛି । ଗତ ୫ବର୍ଷ ଧରି ଖଣି,ତହସିଲ ଓ ଥାନା ପକ୍ଷରୁ



ବିଭିନ୍ନ ସ୍ଥାନରେ ଚଢାଉ କରି ଜବତ ହୋଇଥିବା ବାଲି ପଥର ଖଇରା ଥାନା ପରିସରରେ ଗଛିତ କରାଯାଇଥିଲା । ଏବେ କୋର୍ଟ ନିର୍ଦ୍ଦେଶ ପରେ ୬ଦିନ ତଳେ ଗଛିତ ଏହି ଲଘୁଖଣିଜ ଦ୍ରବ୍ୟ ନିଲାମ କରାଯାଇଛି । ବଜାର ମୂଲ୍ୟ ଆନୁମାନିକ ୮ଲକ୍ଷ ହୋଇଥିବା ବେଳେ ୪୦ହଜାର ଟଙ୍କାରେ ସମସ୍ତ ମାଲ ଖଲାସ କରି ଦିଆଯାଇଛି । ସେଦିନ ଯେଉଁମାନେ ନିଲମରେ ଭାଗ ନେଇଥିଲେ ସେମାନେ ସମସ୍ତେ ଖଣି ବ୍ୟବସାୟି ବା ସେମାନଙ୍କ ସମ୍ପର୍କିୟ । ଏଣୁ କାଗଜପତ୍ରରେ ନିଲାମ ପ୍ରକ୍ରିୟା ଦେଖାଇ ୪୦ହଜାରର ସର୍ବାଧିକ ନିଲାମ ମୂଲ୍ୟ ବୋଲି ଦର୍ଶାଯାଇଛି । ଏହି ନିଲାମପ୍ରକ୍ରିୟା ବିରୋଧରେ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରାଙ୍କୁ ଯୋଗାଯୋଗ କରିବାରେ ଗାଇଡଲାଇନ ଅନୁଯାୟୀ ନିଲାମ ପ୍ରକ୍ରିୟା ଶେଷ ହୋଇଛି । ସର୍ବାଧିକ ରେଟ ଡାକିଥିବା ବ୍ୟକ୍ତିଙ୍କୁ ଏହି ସାମଗ୍ରୀ ଦିଆଯାଇଛି ବୋଲି କହିଛନ୍ତି । କିଛି ଖଣିବ୍ୟବସାୟୀ ଓ ଅଧିକାରୀଙ୍କ ମିଳିତ ସଲାସୁତରାରେ ଏହି ବେଆଇନ କାର୍ଯ୍ୟ କରାଯାଇଥିବା ଅଭିଯୋଗ କରାଯାଇଛି ।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୦୪/୬ (ନି.ପ୍ର): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାଣିକସ୍ମିତ୍ ପୁରୁଷୋତ୍ତମ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର , ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀତପା ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୮୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଋତୁରାଜ ଚିକିତ୍ସା ନିମନ୍ତେ କୁମାଣ୍ଡୋଳା ଗ୍ରାମ ପଞ୍ଚାୟତ, ବାଣପୁର ବ୍ଲକ୍ ର ଅଭିଯୋଗ କାରୀ ମଞ୍ଜୁ ବେହେରା ଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୧୫ ହଜାର ଏବଂ ଗୁରୁଜଙ୍ଗା ଗ୍ରାମ ପଞ୍ଚାୟତ, ଖୋର୍ଦ୍ଧା ବ୍ଲକର ଛବି ଦାସଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ୧୫ ହଜାର କୁ ନେଇ ମୋଟ ୩୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ସମସ୍ତ ବି ଡି ଓ, ତହସିଲଦାର, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ଆଧାର ନାହିଁ ତ ପାଠ ନାହିଁ: ପାଠପଢ଼ାରେ ଡ଼ୋରି ବାନ୍ଧିବାକୁ ବାଧ ହେଲେ 'ସାକରମଣି'

ଉଦଳା, ୦୪/୬ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ବାଲିନାଳ ଗ୍ରାମର ବାସିନ୍ଦା ଲସ ମାର୍ଣ୍ଡିଙ୍କର ଏକମାତ୍ର କନ୍ୟା 'ସାକରମଣି' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର ଜଣାଇଛନ୍ତି । ଖବର ନେବାରୁ 'ସାକରମଣି' ଗ୍ରାମ ନିକଟରେ ଥିବା ଇଟାଗଡ଼ ଆଶ୍ରମ ବିଦ୍ୟାଳୟରୁ ଅଷ୍ଟମଶ୍ରେଣୀ ପାସ କରିଛନ୍ତି । ପରେ ନବମ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ ବିଦ୍ୟାଳୟର କର୍ତ୍ତୃପକ୍ଷ ତାଙ୍କୁ ଆଧାର କାର୍ଡ଼ ମାଗିଲେ । ସେ ଆଧାରକାର୍ଡ଼ ଦେଖାଇନପାରିବାରୁ ତାଙ୍କର ନାମ ନଲେଖାଇ ଫେରାଇ ଦେଇଥିବାର ସେ ଅଭିଯୋଗ କରିଛନ୍ତି । ଆଧାର ପାଇଁ ସେ ବାରମ୍ବାର ଫଟୋ ଉଠାଇଥିଲେ ମଧ ତାଙ୍କର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା ସେ କହିଛନ୍ତି । 'ସାକରମଣି'ଙ୍କୁ ବର୍ତମାନ ବୟସ ୧୪ ବର୍ଷ ଛୁଇଁଲା । ତାଙ୍କର ଘରଠାରୁ ବିଦ୍ୟାଳୟ ଦୂର ହେଉଥିବାରୁ ସେ ହଷ୍ଟେଲରେ ରହି ପଢ଼ିବାକୁ ଚାହୁଁଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ସାକରମଣି'ଙ୍କ ପରି ଏବେ ମଧ ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida